ବର୍ଷ-୨୫, ସଂଖ୍ୟା-୧୯୪
ଭୁବନେଶ୍ୱର
୨୧, ଜୁଲାଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 194
Bhubaneswar
21, July, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବାପା-ମା' ହେଲେ ସିଦ୍ଧାର୍ଥ-କିଆରା

# ବୟାନ ବଦଳାଉଛନ୍ତି ସାକ୍ଷୀ

**ବାଲେଶ୍ୱର,୨୦।୭(ମହାଭାରତ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଂଚର ତନାଘନା ଜାରି ରହିଛି। ଚତୁର୍ଥ ଦିନରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୋଳତାଡ଼ ଜାରି ରଖିଛି । ଘଟଣାରେ ଅଧିକ ତଥ୍ୟ ହାସଲ ପାଇଁ ପଚରାଉଚରା କରାଯାଉଛି ।



ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ରବିବାର ବାଲେଶ୍ୱରରେ ପହଞ୍ଚି ଘଟଣାସ୍ଥଳ ବୁଲି ଦେଖିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଏଥିସହ ଗଣମାଧ୍ୟମ ସମ୍ମୁଖରେ ତଦନ୍ତର ଅଗ୍ରଗତି ନେଇ ସୂଚନା ଦେଇଛନ୍ତି। ଡିଜି କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଦିଗରେ ତଦନ୍ତ ଚାଲିଛି ତଦନ୍ତ ସମୟରେ ଅନେକ ସାମଗ୍ରୀ ମିଳିଛି। ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର(ଏସଏଫଏସଏଲ)କୁ ପଠାଯାଇଛି।

ସେ ଆହୁରି କହିଛନ୍ତି, ଏହି ଘଟଣାକୁ ନେଇ ଲୋକେ ପୁଲିସ ଆଗରେ, ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବୟାନ ଦେଇଛନ୍ତି। ଆମ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି। ମାମଲାର ସଠିକ ତଦନ୍ତ ହେବ। ଝିଅକୁ ନ୍ୟାୟ ମିଳିବ। ଆମେ ଅନେକ ତଥ୍ୟ ସଂଗ୍ରହ କରିଛୁ। ବର୍ତ୍ତମାନ ତଦନ୍ତ ରିପୋର୍ଟ ଯାହା ଅଛି, ସେନେଇ କୁହାଯାଇପାରିବ ନାହିଁ। ମାତ୍ର ସମୟ ଆସିଲେ ସବୁ କୁହାଯିବ। ସାକ୍ଷୀମାନଙ୍କର ବୟାନ ଆସିଛି ଡିଜିଟାଲ ମିଡିଆରେ ଯେଉଁ ବୟାନ ଆସୁଛି ଏବଂ ତଦନ୍ତ ସମୟରେ ଆସିଥିବା ବୟାନ ଓ ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟକୁ ନେଇ ତର୍ଜମା କରାଯିବ କ୍ରାଇମବ୍ରାଞ୍ଚ ଆଇଜି ଏସ୍ ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ଘଟଣା ପୂର୍ବ ଓ ପରର ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରାଯାଉଥିବା କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର।

ଡିଜି ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟରେ ପହଞ୍ଚି ଘଟଣାସ୍ଥଳ ବୁଲି ଦେଖିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ ଡିଜିଙ୍କ ସହ ଡିଆଇଜି ଡା. ସତ୍ୟଜିତ ନାୟକ, କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଆଇଜି ଏସ୍ ସାଇନି, ଡିଏସପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।ଏହାପୂର୍ବରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ କଲେଜରେ ପରିସରକୁ ଯାଇ ଘଟଣା ସ୍ଥଳ ପରିଦର୍ଶନ କରିବା ସହ କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଥିଲା। ସେହିପରି କ୍ରାଇମ ବ୍ରାଞ୍ଚ ଟିମ୍ ଆହତ ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ମଧ୍ୟ ପଚରା ଉଚରା କରିଥିବା ବେଳେ ଛାତ୍ରୀ ରହୁଥିବା ହଷ୍ଟେଲରେ ମଧ୍ୟ ସ୍ଥିତି ଯାଞ୍ଚ କରିଥିଲା ।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା, ୯ ମୃତ

ଭୁବନେଶ୍ୱର, ୨୦।୭(ମହାଭରତ): ): ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୯ ଜଣଙ୍କର ମୃତ୍ୟୁ ହୋଇଛି।

କୋରାପୁଟ ଜିଲ୍ଲା ସୁନାବେଡ଼ା ଟ୍ରାଫିକ ଛକର ଟିଟିଏସ ନିକଟରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ ଜଣ ପ୍ରାଣ ହରାଇଛନ୍ତି। ଗୋଟିଏ କାରରେ ଥିବା ତିନି ସାଙ୍ଗ ଆଶୁତୋଷ ରଣା, ଦିବ୍ୟ ରଞ୍ଜନ ପାତ୍ର ଓ ବିକାଶ ପାତ୍ରଙ୍କ ମୃତ୍ୟୁ ହୋଇଛ। ଏମାନଙ୍କ ଘର ସୁନାବେଡ଼ା ଡିପି କ୍ୟାମ୍ପରେ। ଅନ୍ୟ କାର୍ ଡ୍ରାଇଭର ପ୍ରମୋଦ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ସାଙ୍ଗଙ୍କ ସହିତ ଥିବା କୈଳାସ ଆହତ ହୋଇଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବରଗଡ଼ରେ ବି ଦୁଇଜଣଙ୍କ ଜୀବନ ନେଇଛି। ବରଗଡ଼ ଜିଲ୍ଲା ସୋହେଲା ଜାତୀୟ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ ଗଛରେ ପିଟି ହୋଇଯାଇଥିଲା। ଗାଡ଼ି ଭିତରେ ଚାପି ହୋଇ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ଘଟିଛି ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ । ସେହିପରି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପଦ୍ମନାଭପୁରରେ ଟୋଲଗେଟ୍ ଉପରକୁ କାର୍ ମାଡ଼ିଯିବାରୁ ରାଜଦୀପ ପଟ୍ଟନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଅଜୟ ନାଏକ ଆହତ ହୋଇଛନ୍ତି। କ୍ରନ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାରକୁ ବାହାର କରାଯାଇଥିଲା ।୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ପଞ୍ଚୁକୋଟ ନିକଟରେ ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି।

ସେହିପରି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁଡ଼ା ପଞ୍ଚାୟତ ସର୍ଗିଟୋଲୀ ନିକଟରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି ।ଏଠାରେ ଟ୍ରାକ୍ଟର ଯୋଗେ ଜମିରେ ହଳ କରୁଥିବା ସମୟରେ ଅଘଟଣ ଘଟିଛି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗଣେଶ କୁଜୁର (୨୩)।

# ଆଜିଠୁ ସଂସଦର ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ। ସଂସଦର ଏହି ଅଧିବେଶନରେ ସରକାର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ସହିତ ଅପରେସନ ସିନ୍ଦୂର ବିଷୟରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି କହିଛନ୍ତି।

ସେ କହିଛନ୍ତି ଯେ ସରକାର କୌଣସି ପ୍ରସଙ୍ଗକୁ ଏଡ଼ାଇ ଯିବାକୁ ଚାହୁଁନାହାନ୍ତି। ଆମେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ।ଗୃହକୁ ସୁରୁଖୁରୁରେ ଚଲାଇବାକୁ ହେଲେ ସରକାର ଓ ବିରୋଧୀଙ୍କ ମଧ୍ୟରେ ସଠିକ ସମନ୍ୱୟ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

ବିରୋଧୀମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ଦାବି ପ୍ରସଙ୍ଗ ଉଠାଇବାକୁ ପ୍ରସ୍ତୁତ ଥିବା ନେଇ ସାମ୍ବାଦିକମାନେ କହିବା ପରେ ମନ୍ତ୍ରୀ ଶ୍ରୀରିଜିଜୁ କହିଥିଲେ ଯେ ସରକାର ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଗୃହ ଭିତରେ ଦେବେ, ଗୃହ ବାହାରେ ନୁହେଁ।ସେ କହିଛନ୍ତି ଯେ ଗୃହରେ ଗଠନମୂଳକ ବିତର୍କ ହେବା ଉଚିତ। ଯେତେବେଳେ ବି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂସଦରେ ଉଠେ, ପ୍ରଧାନମନ୍ତ୍ରୀ ସବୁବେଳେ ଉପସ୍ଥିତ ରହନ୍ତି।କିରଣ ରିଜିଜୁ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ସରକାର ୧୭ଟି ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି।

ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ଟି ରାଜନୀତିକ ଦଳର ୫୪ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ ଏହି ବୈଠକ ବେଶ୍ ଗଠନମୂଳକ ଥିଲା ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି। ଏଥିରେ ଏନ୍‌ଡିଏ, ୟୁପିଏ (ଇଣ୍ଡି ବ୍ଲକ୍) ଓ ସ୍ୱାଧୀନ ସାଂସଦମାନେ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ ବିଭିନ୍ନ ପ୍ରସଙ୍ଗରେ ସଂସଦରେ ବିତର୍କ କରିବା ପାଇଁ ସେମାନେ ଦାବି କରିଥିଲେ।

## ଆଜି ହେବାକୁ ସ୍ୱତନ୍ତ୍ର ଓଟିଇଟି-୨୦୨୫ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ,୨୦।୭ (ମହାଭରତ): ଆଜି ହେବାକୁ ସ୍ୱତନ୍ତ୍ର ଓଟିଇଟି-୨୦୨୫ ପରୀକ୍ଷା ସ୍ଥଗିତ । ପେପର୍-୧ ଓ ପେପର୍-୨ ପରୀକ୍ଷା ସ୍ଥଗିତ ହୋଇଛି । ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରିବ ବୋର୍ଡ ।ପରୀକ୍ଷା ପୂର୍ବରୁ ସୋସିଆଲ ମିଡିଆରେ ଓଟିଇଟିର ହାତଲେଖା ପ୍ରଶ୍ନ ପତ୍ର ଘୂରିବୁଲୁଥିବା ଅଭିଯୋଗ ହୋଇଥିଲା ।

## ପୁରୀ ଏସପିଙ୍କ କାର୍ଯ୍ୟାଳୟ ଘେରାଉ କଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୨୦।୭ (ମହାଭରତ): ରାଜ୍ୟରେ ଆଇନ କାନୁନ ବିପର୍ଯ୍ୟୟ ପରିସ୍ଥିତି ରେ। ନାରୀ ସୁରକ୍ଷା କଥା କହିଲେ ନ ଚଳେ, କେତେବେଳେ ଗୋପାଳପୁର ରେ, କେତେବେଳେ ବାଲେଶ୍ୱର ଏଫ.ଏମ କଲେଜ ଏବଂ ଗତ କାଲି ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ର ଛାତ୍ରୀ ଅବସ୍ଥା ଯାହା ହୋଇଛି ତାହା ସମସ୍ତଙ୍କୁ ଜଣା।୭୦ ଭାଗ ଶରୀର ପଡିଥିବା ଛାତ୍ରୀ ହସ୍ପିଟାଲ ରେ ଜୀବନ ସହ ସଙ୍ଘର୍ଷ କରୁଛି। ପୀଡିତାଙ୍କୁ ନ୍ୟାୟ ଦାବିରେ ରବିବାର ପୁରୀ ଜ଼ିଲ୍ଲା ଯୁବ କଂଗ୍ରେସ ତରଫରୁ ପୁରୀ ଜ଼ିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୋପନ ମାର୍ଥା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୂଦୀପ ସାମଲ ସାମିଲ ହୋଇଥିବା ବେଳେ ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଙ୍କ ନେତୃତ୍ୱ ରେ ଶତାଧିକ ଯୁବ କଂଗ୍ରେସ କର୍ମୀ ଏକଜୁଟ ହୋଇ ପୁରୀ ଆରକ୍ଷୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।ଏହି ଘେରାଉ ରେ ଆଇନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଙ୍କ ଇସ୍ତଫା ଦାବି ରେ ସେମାନଙ୍କ କୁଶପୁତଳିକା ଜାଳିବା ସହ ଆରକ୍ଷୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଜୋର-ଜବରଦସ୍ତ ପଶିବାକୁ ଉଦ୍ୟମ କରିଥିଲା ।

# ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତା

ବଳଙ୍ଗା/ପୁରୀ, ୨୦।୭ (ମହାଭରତ): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି ଅପରାହ୍ନରେ ପୁରୀ ଜିଲ୍ଲା ବଳଙ୍ଗାରେ ପହଞ୍ଚିଛନ୍ତି। ଡିଜି ଖୁରାନିଆ ବଳଙ୍ଗା ପୀଡ଼ିତାଙ୍କୁ ଯେଉଁଠି ଅପହରଣ କରାଯାଇ କିରାସିନି ଢାଳି ନିଆଁ ଲଗାଯାଇଥିଲା, ସେହି ସ୍ଥାନରେ ପହଞ୍ଚି ନିଜେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନାବାଳିକା ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ଭେଟିବା ସହିତ କଥାବାର୍ତ୍ତା କରିଛନ୍ତି। ଏଥି ସହିତ ସେ ସ୍ଥାନୀୟ ଲୋକ ଓ ପୀଡିତାଙ୍କର ସଂପର୍କୀୟଙ୍କ ସହିତ କଥା ହୋଇଛନ୍ତି। ଏହି ଅବସରରେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, ବଳଙ୍ଗା ମାମଲାରେ କିଛି ତଥ୍ୟ ସାମ୍ନାକୁ ଆସିଛି। ଆହୁରି କିଛି ତଥ୍ୟ ଆସିବାର ବାକି ଅଛି। ଆଜି ୨ଟି ଟିମ୍ ଘଟଣାର ତଦନ୍ତ କରିଛନ୍ତି।

ବଳଙ୍ଗା ଅଞ୍ଚଳରେ ଗତକାଲି ତିନି ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଅଗ୍ନିକାଣ୍ଡର ଶିକାର ହୋଇ ଶରୀରର ପ୍ରାୟ ୭୫ ପ୍ରତିଶତ ପୋଡ଼ି ଯାଇଥିବା ପୀଡ଼ିତାଙ୍କୁ ଆଜି ଅପରାହ୍ଣରେ ଏମ୍ସ ଦିଲ୍ଲୀରେ ଭର୍ତ୍ତି କରାଯାଇଛି। ବଳଙ୍ଗା ପୀଡ଼ିତାଙ୍କୁ ଏମ୍ସର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି। ପୀଡିତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଆଜି ଅପରାହ୍ଣରେ ଏମ୍ସ ଭୁବନେଶ୍ୱରରୁ ଗ୍ରୀନ୍ କରିଡରରେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଆଯାଇଥିଲା। ଏହା ପରେ ଏୟାର ପୀଡିତା ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଲା ପରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଏମ୍ସ ଦିଲ୍ଲୀରେ ପହଞ୍ଚିଥିଲେ।



ପୁରୀ ବଳଙ୍ଗା ପୀଡ଼ିତାଙ୍କୁ ନେଇ ଦିଲ୍ଲୀ ଏମ୍ସ ପକ୍ଷରୁ ସୂଚନା ଜାରି କରାଯାଇଛି। ଦିଲ୍ଲୀ ଏମ୍ସ ପକ୍ଷରୁ କୁହାଯାଇଛି ଭୁବନେଶ୍ୱର ଏମ୍ସରୁ ଏୟାର ଲିଫ୍ଟ ହୋଇଥିବା ନାବାଳିକା ରବିବାର ଅପରାହ୍ନ ୪ଟା ୨୦ରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ୭୫% ଶରୀର ପୋଡ଼ିଛି। ଅବସ୍ଥା ଗୁରୁତର ରହିଛି। ସେ ବର୍ତ୍ତମାନ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି। ଏମ୍ସ ଆଇସିୟୁ ବର୍ଣ୍ଣ ୟୁନିଟ୍ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ରେ ଚିକିତ୍ସା ଚାଲିଛି। ଗୋଟିଏ ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।

ବଳଙ୍ଗା ନାବାଳିକା ପୋଡ଼ି ଘଟଣାକୁ ନେଇ ଆକ୍ସନ୍ ମୋଡ଼ରେ ପୋଲିସ । ଆଜି ପୀଡିତାଙ୍କ ପିଉସୀକୁ ଉଠାଇନେଇଛି ବଳଙ୍ଗା ପୋଲିସ । ପୂର୍ବରୁ ସାଙ୍ଗକୁ ବି ଥାନାରେ ହୋଇଥିଲା ଜେରା ।

ସୂଚନାଯୋଗ୍ୟ, ପୁରୀଜିଲ୍ଲା ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଶନିବାର ପୂର୍ବାହ୍ଣରେ ନିଜ ସାଙ୍ଗ ଘରକୁ କେଣସି କାମରେ ଯାଉଥିଲା ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ନିଆଁ ଲଗାଇ ଦେଇଥିଲେ

## ସବୁ ପ୍ରକାର ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୭(ମହାଭାରତ): ପୁରୀ ଜିଲ୍ଲାର ବଳଙ୍ଗା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଘଟିଯାଇଥିବା ଅଘଟଣ ପାଇଁ ମୁଁ ଗଭୀର ଭାବେ ମର୍ମାହତ । ପୀଡିତାଙ୍କର ସର୍ବୋତ୍ତମ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ । ବ୍ୟକ୍ତିଗତ ଭାବେ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଝିଅଟିର ତ୍ୱରିତ ଆରୋଗ୍ୟ କାମନା ନିମନ୍ତେ ପ୍ରାର୍ଥନା କରୁଛି। ବଳଙ୍ଗା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ସର୍ବୋତମ ଚିକିତ୍ସା ପାଇଁ ଆଜି ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି ।

# ଡିଏଫଓଙ୍କର ୧୧୫ ପ୍ଲଟ୍







**ଭୁବନେଶ୍ୱର,୨୦।୭(ମହାଭାରତ):** ରାଜ୍ୟରେ ହଜାର ହଜାର ଭୂମିହୀନଙ୍କ ନିଜସ୍ୱ ପରିଚୟରେ ବାସସ୍ଥାନ ନଥିବାରୁ ପରଘରେ ଅଥବା ଆଶ୍ରୟସ୍ଥଳୀରେ ଜୀବନଯାପନ କରୁଥିବା ବେଳେ ରାଜ୍ୟ ସରକାରଙ୍କ ଜଣେ ବାବୁଙ୍କର ୧୧୫ଟି ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ପକ୍ଷରୁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କର ଅନୁଗୁଳ, କେନ୍ଦୁଝର ଓ ନୟାଗଡ଼ରେ ୭ ଠିକଣାରେ ଏହି ପ୍ଲଟ୍‌ଗୁଡ଼ିକ ଠାବ ହୋଇଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ନାଁରେ ୫୩, ତାଙ୍କ ପତ୍ନୀଙ୍କ ନାଁରେ ୪୨ ପ୍ଲଟ୍ ଠାବ ହୋଇଛି। ସେହିପରି ତାଙ୍କର ୨ ପୁଅଙ୍କ ନାଁରେ ୧୬ ପ୍ଲଟ୍ ଓ ଝିଅ ନାଁରେ ୪ ପ୍ଲଟ୍ ଠାବ ହୋଇଛି। ଅନୁଗୁଳ ତୁରଙ୍ଗାରେ ୯ ହଜାର ବର୍ଗଫୁଟର ୪ ମହଲା କୋଠା, ୧ ଲକ୍ଷ ୧୯ ହଜାର ଟଙ୍କା ଠାବ କରାଯାଇଛି ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୁଳ, କେନ୍ଦୁଝର ଓ ନୟାଗଡ଼ର ୭ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ଚଢ଼ଉରେ ୩ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ସହଯୋଗୀ କର୍ମଚାରୀ ଅଛନ୍ତି । ଶ୍ରୀ ନାୟକଙ୍କ ଠାରୁ ନଗଦ ୧ ଲକ୍ଷ ୧୯ ହଜାର ଟଙ୍କା ଜବତ ହୋଇଛି। ତାଙ୍କର ୪ଟି ଚାରି ଚକିଆ ଗାଡ଼ି ଓ ୪ଟି ଦୁଇ ଚକିଆ ଗାଡ଼ି ରହିଛି। ଏହା ସହିତ ତାଙ୍କ ବ୍ୟାଙ୍କ ଓ ଅନ୍ୟାନ୍ୟ ଜମି ସହିତ କିଛି ସ୍ଥାନରେ ନିବେଶ ମଧ୍ୟ ରହିଛି ସେ ନେଇ ତଦନ୍ତ ଜାରି ରହିଛି।

ଶ୍ରୀ ନାୟକଙ୍କ ଅନୁଗୋଳ ସ୍ଥିତ ଚାରି ମହଲା କୋଠା ସହିତ ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ମଦନମୋହନ ପାଟଣା ସ୍ଥିତ ତାଙ୍କ ପୈତୃକ ଘର, ଅନୁଗୋଳର ଜଗନ୍ନାଥପୁର ସ୍ଥିତ ତାଙ୍କ ଶ୍ୱଶୁର ଘର, କେନ୍ଦୁଝର ସ୍ଥିତ ତାଙ୍କ ଅଫିସ, କେନ୍ଦୁଝର ସ୍ଥିତ ତାଙ୍କ ସରକାରୀ ଘର, ନୟାଗଡ଼ ଜିଲ୍ଲା କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚ୍‌ସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି ।

ସୂଚନାଯୋଗ୍ୟ, ନିତ୍ୟାନନ୍ଦ ନାୟକ ୧୯୯୨ ଅପ୍ରେଲ ୫ ତାରିଖରେ ଫରେଷ୍ଟ ରେଞ୍ଜର ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ଅନୁଗୁଳସ୍ଥିତ ଏଫ୍‌ଆରସିରେ ତାଲିମ ଶେଷ କରି ସୁନ୍ଦରଗଡ଼ ଫରେଷ୍ଟ ଡିଭିଜନ ଅଧୀନ ହେମଗିରି ରେଞ୍ଜରେ ରେଞ୍ଜ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିଲେ। ଏହା ପରେ ସେ ୧୯୯୨ ଅକ୍ଟୋବର ୧୫ରୁ ୨୦୧୫ ମେ ୨୭ ପର୍ଯ୍ୟନ୍ତ ଫରେଷ୍ଟ ରେଞ୍ଜର ଭାବେ ସମ୍ବଲପୁର, ଢେଙ୍କାନାଳ, ସୁବର୍ଣ୍ଣପୁର ଓ ନୂଆପଡ଼ା ଜିଲ୍ଲାର ଭିନ୍ନଭିନ୍ନ ରେଞ୍ଜରେ କାମ କରିଥିଲେ। ସେ ଓଡ଼ିଶା ବନ୍ୟ ସେବା (ଓଏଫ୍‌ଏସ୍)କୁ ପଦୋନ୍ନତି ପାଇ ୨୦୧୫ ମେ ୨୭ରେ ଖରିଆର ଡିଭିଜନର ଏସିଏଫ୍ ହୋଇଥିଲେ। ୨୦୧୭ ସେପ୍ଟେମ୍ବର ୬ରୁ ୨୦୨୨ ଅଗଷ୍ଟ ୩୦ ଯାଏଁ ରାୟଗଡ଼ା ଫରେଷ୍ଟ ଡିଭିଜନର ଏସିଏଫ୍ ଥିଲେ। ଏହା ପରେ ୨୦୨୨ ସେପ୍ଟେମ୍ବର ୭ରେ ପଦୋନ୍ନତି ପାଇଁ ଅତିରିକ୍ତ ବନ୍ୟ ସଂରକ୍ଷକ ହୋଇଥିଲେ ଭୁବନେଶ୍ୱର ପିସିସିଏଫ (ବନ୍ୟପ୍ରାଣୀ) କାର୍ଯ୍ୟାଳୟରେ ୨୦୨୨ ଅଗଷ୍ଟ ୩୧ରେ ଯୋଗ ଦେଇଥିଲେ। ଏହା ପରେ ସେ ପୁଣି ଥରେ ୨୦୨୪ ଜାନୁଆରୀ ୨୪ ତାରିଖରେ ପଦୋନ୍ନତି ପାଇଁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନରେ ଡିଏଫ୍‌ଓ ହୋଇଥିଲେ।

# ଦ୍ରୁତ ପଇଠ ବ୍ୟବସ୍ଥାରେ ବୈଶ୍ୱିକ ନେତୃତ୍ୱ - ଆଇଏମଏଫ

ନୂଆଦିଲ୍ଲୀ, ୨୦।୭(ମହାଭାରତ): ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ଭାରତ ବୈଶ୍ୱିକ ନେତୃତ୍ୱ ନେଉଛି । ନିକଟରେ ଏକଥା କହିଛି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ ଏମ ଏଫ) । ଏପ୍ରକାର ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ୟୁପିଆଇ ଏକ ବଳିଷ୍ଠ ମାଧ୍ୟମ ସାଜିଛି । ୨୦୧୬ରେ ୟୁନିଫାଏଡ ପେମେଂଟସ ଇଂଟରଫେସ ବା ୟୁପିଆଇକୁ ନେସନାଲ ପେମେଂଟସ କର୍ପୋରେସନ ଅଫ ଇଣ୍ଡିଆ ଆରମ୍ଭ କରିଥିଲା । ଲୋକମାନଙ୍କ ଟଙ୍କା ଦେଣ ନେଣ କ୍ଷେତ୍ରରେ ୟୁପିଆଇ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି ।

ଗୋଟିଏ ମୋବାଇଲ ଆପ ଅଧୀନରେ ଖାଉଟିର ସମସ୍ତ ବ୍ୟାଙ୍କ ଆକାଉଂଟ ରହିଥାଏ । ଜଣେ ଏହା ମାଧ୍ୟମରେ ହଠାତ ଟଙ୍କା ପଠାଇପାରିବ । ବ୍ୟବସାୟୀଙ୍କୁ ଟଙ୍କା ଶୀଘ୍ର ଦେଇପାରିବ । ବନ୍ଧୁମାନଙ୍କ ପାଖକୁ ଅର୍ଥ ପଠାଇପାରିବ । ସହଜ ଉପାୟରେ ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ୟୁପିଆଇ ଲୋକଙ୍କୁ ସୁବିଧା ଯୋଗାଉଛି । ଭାରତରେ ଆଜିକାଲି ପ୍ରତି ମାସରେ ୟୁପିଆଇ ମାଧ୍ୟମରେ ୧୮ ବିଲିୟନ କାରବାର ହେଉଥିବା ସୂଚିତ ହୋଇଛି। କ୍ୟାସ ଓ କାର୍ଡ ଯୋଗେ ଅର୍ଥ ଦେଣ ନେଣ ପ୍ରକ୍ରିୟାରେ ଏହି ୟୁପିଆଇ ପରିବର୍ତ୍ତନ ଆଣିପାରିଛି । ଏହା ଏବେ ଡିଜିଟାଲ ଫାଷ୍ଟ ଇକୋନୋମି ଆଡକୁ ଆମକୁ ଅଗ୍ରସର କରାଇଛି । କୋଟି କୋଟି ଲୋକ ଓ କ୍ଷୁଦ୍ର ବ୍ୟବସାୟୀ ନିରାପଦ ଓ କମ ଖର୍ଚ୍ଚଜନିତ କାରବାର ଲାଗି ଏବେ ଏହି ୟୁପିଆଇ ଉପରେ ନିର୍ଭର କରୁଛନ୍ତି । ତେବେ ଏହା ହଠାତ ହୋଇନାହିଁ । ଏଥିପାଇଁ ଖୁବ ପରିଶ୍ରମ କରିବାକୁ ପଡିଛି । ତୃଣମୂଳ ସ୍ତରରେ କଠିନ ଡିଜିଟାଲ କାର୍ଯ୍ୟ, ସାମୁହିକ ଉନ୍ନତି ଲାଗି ଯନ୍ତ୍ରର ବ୍ୟବହାର ପରି କିଛି ପଦକ୍ଷେପ ପାଇଁ ଏହା ସମ୍ଭବପର ହୋଇପାରିଛି ।

ଚଳିତ ବର୍ଷ କେବଳ ଜୁନରେ ୟୁପିଆଇ ମାଧ୍ୟମରେ ପ୍ରାୟ ୨୪.୦୩ ଲକ୍ଷ ଟଙ୍କା କାରବାର ହୋଇଛି । ଏହା ପରବର୍ତ୍ତୀ କାଳରେ ୧୮.୩୯ ବିଲିୟନ କାରବାରକୁ ବୃଦ୍ଧି ପାଇଛି । ରେକର୍ଡ ଅନୁସାରେ ଗତବର୍ଷ ୧୩.୮୮ ବିଲିୟନ କାରବାର ହୋଇଥିଲା । ଗୋଟିଏ ବର୍ଷ ଭିତରେ ମାତ୍ର ୩୨ ପ୍ରତିଶତ ବୃଦ୍ଧି ହୋଇଛି । ୟୁପିଆଇ ବ୍ୟବସ୍ଥା ଦ୍ୱାରା ସାରା ଦେଶର ୪୯୧ ମିଲିୟନ ଲୋକ ଓ ୬୫ ମିଲିୟନ ବ୍ୟବସାୟୀ ଉପକୃତ ହେଉଛନ୍ତି ।

## ପୁରୀ ରେଳ ଷ୍ଟେସନର ପୁନର୍ବିକାଶ ଅନୁଧ୍ୟାନ କଲେ କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ

ପୁରୀ/ଭୁବନେଶ୍ୱର, ୨୦।୭(ମହାଭାରତ): କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ରବିବାର ଦିନ ପୁରୀ ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରିଛନ୍ତି ।ସେ ରେଳ ଭିତିଭୂମିର ଆଧୁନିକୀକରଣ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ୨୦୨୫ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଛି - ଯାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ବୃଦ୍ଧି । ବର୍ତମାନ, ରାଜ୍ୟର ୫୯ ଷ୍ଟେସନକୁ ୨,୩୭୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କରାଯାଉଛି ଏବଂ ପ୍ରାୟ ୮୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି। ଶ୍ରୀ ସୋମାନ୍ନା ଆଲୋକପାତ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଏହି ଅଂଚଳରେ ରେଳ ଭିତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି - ଯାହା ପୂର୍ବ ବର୍ଷଗୁଡ଼ିକର ଅଗ୍ରଗତିକୁ ବହୁ ପଛରେ ପକାଇଛି।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ। ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ। ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ। ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ। ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ। ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ। ସେଥିରେ ବେବିକର୍ଣ୍ଣ ପକାନ୍ତୁ। ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ। ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି।



**ଖବର**

# ରେକର୍ଡ଼ ଭାଙ୍ଗୁଛି ଅହାନ ପାଣ୍ଡେଙ୍କ ପ୍ରଥମ ଚଳଚ୍ଚିତ୍ର




ଚଙ୍କି ପାଣ୍ଡେଙ୍କ ପୁତୁରା ତଥା ଅନନ୍ୟା ପାଣ୍ଡେଙ୍କ ସମ୍ପର୍କୀୟ ଭାଇ ଅହାନ ପାଣ୍ଡେଙ୍କ ପ୍ରଥମ ଚଳଚ୍ଚିତ୍ର 'ସୈୟାରା' ଏବେ ଚର୍ଚ୍ଚାରେ। ଅନୀତ ପଡ୍ଡାଙ୍କ ସହିତ ତାଙ୍କ ଯୋଡ଼ିକୁ ବେଶ୍ ପ୍ରଶଂସା କରାଯାଉଥିବାବେଳେ ଫିଲ୍ମଟି ସମୀକ୍ଷକ ଏବଂ ଦର୍ଶକଙ୍କଠାରୁ ଆଦୃତି ଲାଭ କରିଛି। ଫିଲ୍ମର ପ୍ରଥମ ଦିନର ଆୟ ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଛି। ତେବେ ଦ୍ୱିତୀୟ ଦିନର ଆୟ ପ୍ରଥମ ଦିନଠାରୁ ଆହୁରି ଅଧିକ, ଯାହା ଅମିର ଖାନଙ୍କ ପୁଅ ଜୁନୈଦ ଖାନଙ୍କ ପ୍ରଥମ ଚଳଚ୍ଚିତ୍ର 'ଲଭୟାପା'ର ମୋଟ୍ ଆୟକୁ ବି ପଛରେ ପକାଇ ଦେଇଛି।ସୂଚନା ଅନୁସାରେ, ପ୍ରଥମ ଦିନରେ ଫିଲ୍ମ ୨୧ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ଦ୍ୱିତୀୟ ଦିନରେ ୨୪ କୋଟି ଟଙ୍କା ଆୟ କରିଛି। ଏଥିସହ ଫିଲ୍ମଟି ମାତ୍ର ଦୁଇ ଦିନରେ ୪୫ କୋଟି ଟଙ୍କା ଆୟ କରିଛି। ବିଶ୍ୱସ୍ତରରେ ଏହାର ଆୟ ୫୦ କୋଟି ପାର୍ ହୋଇଛି। ଫଳରେ 'ସୈୟାରା' ୨୦୨୫ର ହିଟ୍ ଚଳଚ୍ଚିତ୍ର ତାଲିକାରେ ସାମିଲ ହୋଇଯାଇଛି।ୟଶରାଜ ସିଇଓ ଅକ୍ଷୟ ବିଧାନୀଙ୍କ ଦ୍ୱାରା ନିର୍ମିତ ଏବଂ ମୋହିତ ସୁରୀ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅହାନ ପାଣ୍ଡେ ଓ ଅନୀତ ପଡ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ବର୍ତ୍ତମାନର ଷ୍ଟାର କିଡ୍ସନଙ୍କ ମଧ୍ୟରୁ ଏହା ଏପର୍ଯ୍ୟନ୍ତର ସବୁଠୁ ସଫଳ ଡେବ୍ୟୁ ସିନେମା କୁହାଯାଉଛି।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ

ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ। ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି। ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ। ବଦଳୁଥିବା ପାଣିପାଗ ଏପରି ଜ୍ୱର



ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି। ଏହି ଜ୍ୱାରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦେ ପଡୁ ନାହାନ୍ତି। ଏହା ଆଡୁଆଳରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛ। ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି। ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି। ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶ ମୁତାବକ ନିର୍ଦ୍ଧାରିତ ସମୟରେ ଔଷଧ ଖଆନ୍ତୁ। ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍‌ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ।ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି। ଏଥିରେ ଶିଶୁ ଓ ବୟସ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱାରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ।ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଳମ୍ବ ନ କରି ତୁରନ୍ତ ଉପଚାର ବ୍ୟବସ୍ଥା କରନ୍ତୁ।ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ। ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ। ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ□ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ। ଜ୍ୱରକୁ ଅବହେଳା କରନ୍ତୁ ନାହିଁ।

# କର୍ମଦୋଷରୁ ଆୟୁଷ ହାନି ହୋଇଥାଏ



ଲଙ୍କାପତି ରାବଣ ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ଭୂମିରେ ପଡ଼ି ଛଟପଟ ହେଉଥିଲା । ସେତିକିବେଳେ ପ୍ରଭୁ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ତାଙ୍କ ନିକଟକୁ ପଠାଇଥିଲେ କହିଲେ, 'ଜଣେ ମହାଜ୍ଞାନୀଙ୍କର ମହାପ୍ରୟାଣ ହେବାକୁ ଯାଉଛି । ଯଦି କିଛି ରାଜଧର୍ମ ଶିଖିବାର ଅଛି ତେବେ ତାଙ୍କ ପାଖକୁ ଯାଅ ଏବଂ ସେ କହୁଛନ୍ତି ଶୁଣ ।ଲକ୍ଷ୍ମଣ ବଡ଼ଭାଇଙ୍କ ଆଦେଶ ପାଳନ କରି ରାବଣ ପାଖକୁ ଗଲେ । ଜୀବନର ଶେଷ ସମୟରେ ରାବଣ ମନେ ମନେ ଲକ୍ଷ୍ମଣଙ୍କ ଭଳି ଆଚରଣସିଦ୍ଧ ଲୋକଙ୍କୁ ଖୋଜୁଥିଲା । ରାବଣ ଓ ଲକ୍ଷ୍ମଣଙ୍କ ଭିତରେ ଫରକ ହେଉଛି ରାବଣ ଯୋଦ୍ଧା ଥିଲେ କିନ୍ତୁ ଆଚରଣସିଦ୍ଧ ନ ଥିଲେ । ଅନ୍ୟପକ୍ଷରେ ଲକ୍ଷ୍ମଣ ଥିଲେ ଯୋଦ୍ଧା ଓ ଆଚରଣସିଦ୍ଧ । ରାବଣ କହିଲା, 'ମୁଁ ଯେତେବେଳେ ଯାହା ଚାହିଁଛି ପାଇଛି, କିନ୍ତୁ ପ୍ରଜାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତିନିଟି କଥା ପୂରଣ କରିପାରିଲି ନାହିଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଲଙ୍କା ନଗରରୀର ଚାରିପାଖକୁ ଲାଗି ରହିଥିବା ସମୁଦ୍ରପାଣିକୁ ମିଠା କରିବା। ଦ୍ୱିତୀୟ ହେଉଛି ଯେଉଁମାନେ ପୃଥିବୀରେ ରହି ନରକ ଯନ୍ତ୍ରଣା ଭୋଗୁଛନ୍ତି ସେମାନଙ୍କୁ ସ୍ୱର୍ଗସୁଖ ଦେବା ଏବଂ ତୃତୀୟଟି ହେଉଛି ଲଙ୍କାପୁରରୁ ସ୍ୱର୍ଗପୁର ପର୍ଯ୍ୟନ୍ତ ନିଶୁଣି ପକାଇବା । ରାବଣର କଥାଗୁଡ଼ିକ ଲକ୍ଷ୍ମଣ ବଡ଼ ଭାଇ ରାମଚନ୍ଦ୍ରଙ୍କୁ କହିଲେ। ରାମଚନ୍ଦ୍ର ଶୁଣି ହସିଲେ ଆଉ କହିଲେ 'ଶେଷ ସମୟରେ ଯାହା କୁହାଯାଏ ତାହା ପଶ୍ଚାତାପ ରାବଣ ଯଦି ଭଲକାମ କରିବାକୁ ଚାହୁଁଥିଲା ଆଗୁଆ ନାହିଁ କାହିଁକି ? ରାବଚନ୍ଦ୍ର କହିଲେ "ରାବଣ ଭଲ କାମଗୁଡ଼ିକୁ ଆଜି କରିବି କାଲି କରିବି କହି ଖରାପ କାମଗୁଡ଼ିକୁ କରି ଚାଲିଲା। ତେଣୁ ତାର ଆୟୁଷ ହାନି ଘଟିଲା ଆଉ କର୍ମଦୋଷରୁ ଆଜି ତାର ଏ ଅବସ୍ଥା" ସେ ଭଲ କାମଗୁଡ଼ିକୁ ଆଗେ କରିଥିଲେ ହୁଏତ ଏତେ ଶୀଘ୍ର ମରି ନ ଥା'ନ୍ତା ।ଗଳ୍ପର ସାରମର୍ମ ହେଉଛି... କର୍ମଦୋଷରୁ ମଣିଷ ନିଜର ଆୟୁଷହାନି କରିଥାଏ । ରାବଣ ରାମଙ୍କ ବାଣରେ ମରିବାରୁ ତାଙ୍କର ମୋକ୍ଷପ୍ରାପ୍ତି ହେଲା ଏହା ସତ୍ୟ । କିନ୍ତୁ କୁକର୍ମ ପାଇଁ ତାକୁ ଶୀଘ୍ର ମରିବାକୁ ପଡ଼ିଲା। ରାବଣ ଉପରେ ଦେବ, ଦାନବ, ମାନବ ଏମିତି ଶହ ଶହ ଅଭିଶାପରେ ଅଭିଶପ୍ତ ହୋଇ ରହିଥିଲା ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ, ମହାଶାସ୍ତ୍ରୀ । ସେ ଥିଲା ପ୍ରଜାବତ୍ସଳ । ରାବଣର ରାଜତ୍ୱକାଳରେ ଲଙ୍କାଥିଲା ସୁବର୍ଣ୍ଣନଗରୀ। ଏତେ ସବୁ ଗୁଣ ଥାଇ ମଧ୍ୟ ତାଙ୍କର ଅପମୃତ୍ୟୁ ଘଟିଥିଲା । ରାବଣର ଗର୍ବ, ଅହଙ୍କାର ଆଉ ଦୌରାତ୍ମ୍ୟ ଏତେ ବଢ଼ି ଯାଇଥିଲା ଯେ ସ୍ୱୟଂ ଭଗବାନ ତାକୁ ମାରିବାକୁ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ଜ୍ଞାନ ଓ ପାଣ୍ଡିତ୍ୟର ଅହଂକାର ରାବଣକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲେ । ସେଥିପାଇଁ କୁହାଯାଏ 'ଅତିଗର୍ବେ ହତ ଲଙ୍କା' ଅର୍ଥାତ୍, ରାବଣ ଏକ ଅମାନବୀୟ ଗୁଣ ଓ ଚରିତ୍ରର ଅଧିକାରୀ। ରାବଣ ଅହଙ୍କାରୀ ଥିଲା । ତାଙ୍କ କଥା ଓ କାମରେ ସନ୍ତୁଳନ ନ ଥିଲା। ସେ ବଡ଼ ଅଳସୁଆ ମଧ୍ୟ ଥିଲା। ରାମରାଜ୍ୟ ଓ ରାବଣରାଜ୍ୟ ଭିତରେ ଫରକ୍ ହେଉଛି ରାବଣ ରକ୍ତପାତ କରି ସାମ୍ରାଜ୍ୟ ବଢ଼ାଇବାକୁ ଚାହୁଁଥିଲେ । କିନ୍ତୁ ରାମଚନ୍ଦ୍ର ସମସ୍ତଙ୍କର ମଙ୍ଗଳ କରିବା ପାଇଁ ଚାହୁଁଥିଲେ। ସାରା ବିଶ୍ୱବାସୀଙ୍କ ମଙ୍ଗଳ ଚିନ୍ତା କରିବା ଓ ଶାନ୍ତି ସ୍ଥାପନ ପଥରେ ଅଗ୍ରସର ହେବା ଅସଲ ମଣିଷପଣିଆ ।

# ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମ୍କ ଆସିଥାଏ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଅଫିସରଙ୍କୁ ରାଜସ୍ୱ ବିଭାଗର ତାଗିଦ୍

**ଭୁବନେଶ୍ୱର,୨୦।୭ (ମହାଭାରତ):** ଭଲ କାମ କର ପଦୋନ୍ନତି ମିଳିବ। ସବୁବେଳେ କାମରେ ଢିଲା କରି ରାତି ଅଧିଅ। କାମ କରିଦେଲେ ବା ଧରାଧରି କଲେ ପ୍ରମୋସନ ମିଳିବନାହିଁ । ରାଜସ୍ୱ ବିଭାଗର ଅଧିକାରୀଙ୍କୁ ଏଭଳି ଚେତାଇଛନ୍ତି ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ ଦେଓ ରଞ୍ଜନ ସିଂ।

ଶ୍ରୀ ସିଂ କହିଛନ୍ତି ଯେ, ପ୍ରମୋସନ୍ ପାଇଁ ଧରାଧରି ଚଳିବ ନାହିଁ। ପ୍ରଦର୍ଶନ ଆଧାରରେ ରାଜସ୍ୱ ଅଧିକାରୀଙ୍କ ସିସିଆର୍ ଲେଖାଯିବ। ପ୍ରଦର୍ଶନକୁ ୧ରୁ ୫ ଭିତରେ ରେଟିଂ କରାଯାଇଛି। ଏଆଇ ଜରିଆରେ ଅଫିସର୍ଙ୍କ କାର୍ଯ୍ୟର ତର୍ଜମା କରାଯିବ।

ପ୍ରମୋସନ ପାଇଁ ରାତି ଅଧିଆ। କାମ କି, ଧରାଧରି କଲେ ଚଳିବ ନାହିଁ। କେବଳ ନିଜ ଡ୍ୟୁଟିରେ ଭଲ ପ୍ରଦର୍ଶନ କଲେ ପ୍ରମୋସନ ଦିଆଯିବ। ଏହା ସହ ରେଜିଷ୍ଟ୍ରାର ଅଫିସରେ କେମିତି କାମ ହୁଏ ତାହାର ମଧ୍ୟ ପୋଲ ଖୋଲିଛନ୍ତି। ସେ କହିଛନ୍ତି ଯେ, ଆମ ଅଫିସର ମାନଙ୍କ ମଧ୍ୟରେ ଗୋଟେ ଧାରଣା ଅଛି ଆମେ ବହୁତ ଭଲ କାମ କରୁଛୁ । କିନ୍ତୁ ଜନ ସାଧାରଣଙ୍କ ଫିଡବ୍ୟାକ୍ ବହୁତ ଖରାପ। ଲୋକ ଅଭିଯୋଗ କରୁଛନ୍ତି, ଯଦି କାହାକୁ ଧରିବେ ନାହିଁ କି ହାତଗୁଞ୍ଜା ଦେବେନାହିଁ ତେବେ ଜୋତା ଘୋରିହୋଇ ଛିଡ଼ିଗଲେ ବି କେହି ଶୁଣିବେ ନାହିଁ ।

ଯଦି ଏହି ଦୁଇଟି ଜିନିଷ କରିଦେଲେ ତେବେ ଘରେ ବସିଥିଲେ ରେଜିଷ୍ଟ୍ରେସନ ହେଇଯିବ। ଇଏ ହେଉଛି ରେଜିଷ୍ଟ୍ରାର ଅଫିସର କଥା। ଯାହାକି ଅର୍ଦ୍ଧ ସତ୍ୟ ନୁହେଁ ପୂର୍ଣ୍ଣ ସତ୍ୟ ମୁଁ କହୁଛି। ଏଭଳି ଅଭିଯୋଗ ସବୁ ଶୁଣିବା ପରେ ଅଧିକାରୀଙ୍କୁ ସତର୍କବାଣୀ ଦିଆଯାଉଛି। ଏଣିକି ରାଜସ୍ୱ ଅଧିକାରୀ ନିଜ କାର୍ଯ୍ୟରେ ସୁଧାର ଆଣନ୍ତୁ। ଅଫିସକୁ ଠିକ ସମୟରେ ଆସନ୍ତୁ। ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଅନ୍ତୁ। ନଚେତ୍ ନିଜ ପଦୋନ୍ନତି କଥା ଭୁଲିଯିବେ। ଏଭଳି ଚେତାବନୀ ଦେଇଛନ୍ତି ସଚିବ।

# ସାଂସଦଙ୍କ ଦ୍ୱାରା ୯୯ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ

**ଭୁବନେଶ୍ୱର,୨୦।୭ (ମହାଭାରତ):** ଖୋର୍ଦ୍ଧା ସଦର ମହକୁମା ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତୀୟ ତୈଳ ନିଗମ (ସି ଏସ ଆର) ପାଣ୍ଠି ପ୍ରୋତ୍ସାହନରେ ଖୋର୍ଦ୍ଧା ଜିଲ୍ଲାର ୯୯ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକେଲ ବଣ୍ଟନ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ତହସିଲ ଅଧୀନ ବସୁନ୍ଧରା ଯୋଜନା ରେ ତଥା ବେବନ୍ଦୋବସ୍ତ ଜମିକୁ ବନ୍ଦୋବସ୍ତରେ ସମାଧାନ କରାଯାଇ କନକ ବାରିକ, ବୈକୁଣ୍ଠ ବିହାରୀ ସାହୁ, ଦୁଃଶାସନ ଗୁମାନ ସିଂହ, ଶରତ କୁମାର ପ୍ରଧାନ, ରଘୁନାଥ ସୁନ୍ଦରକ୍ଷ, ସୁଶାନ୍ତ କୁମାର ପାଲଟା ସିଂହ, ଶେଷଦେବ ପାଲଟା ସିଂହ ଏବଂ ସୁଦର୍ଶନ ଛୁଆଳ ସିଂହଙ୍କୁ ପଟ୍ଟା ବଣ୍ଟନ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀମତୀ ଷଡଙ୍ଗୀ ନିଜ ଅଭିଭାଷଣରେ କହିଥିଲେ ଆଜିର ଦିବସ ଏକ ସୁନ୍ଦର ସମନ୍ୱୟର ଦିବସ ଅଟେ। ଦିବ୍ୟାଙ୍ଗ ମାନଙ୍କ ସେବାରେ ଜିଲ୍ଲା ପ୍ରଶାସନ, ଭାରତୀୟ ତୈଳ ନିଗମ ,ଭାରତୀୟ କୃତିମ ଅଙ୍ଗ ପ୍ରସ୍ତୁତକାରୀ ନିଗମ ମିଳିତ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୋତେ ରାଜନୀତିର ଯେଉଁ ଅଭିପ୍ରାୟ ରହିଛି ତାହା ହେଲା ସେବା, ବିକାଶ ଓ ଅଭିଯୋଗ ଶୁଣି ସେଗୁଡିକ ନିରାକରଣ ପରିଭାଷା ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଁ ନିଜକୁ ଗର୍ବିତ ମନେକରୁଛି । ଆଜି ଦିବ୍ୟାଙ୍ଗ ମାନଙ୍କୁ ଯେଉଁ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଗଲା ତାହା ନିଶ୍ଚିତ ଭାବେ ସେମାନେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାରେ ଅସୁବିଧା ହେବନାହିଁ ଏବଂ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜ ପରିବାରର ଏବଂ ରାଜ୍ୟ ଓ ରାଷ୍ଟ୍ରର ବିକାଶରେ ସେମାନଙ୍କର ଦିବ୍ୟ ସହଯୋଗ ପ୍ରଦାନ କରିପାରିବେ କ୍ଷ ସାଂସଦ ଆହୁରି କହିଥିଲେ ଆବଶ୍ୟକ ପଡ଼ିଲେ ସାଂସଦ




ପାଣ୍ଠିରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ସେ ଉପକରଣ ପ୍ରଦାନ କରିବା ପାଇଁ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀ ଜଗଦେବ କହିଥିଲେ ଯେ, ଦୀବ୍ୟାଙ୍ଗ ହେଉଛନ୍ତି ଦିବ୍ୟ ଅଙ୍ଗ ଓ ଦେବତାଙ୍କର ଅଙ୍ଗ ଯାହା ବଡ଼ ଠାକୁର ଶ୍ରୀ ଜଗନ୍ନାଥ ହେଉଛନ୍ତି ନିଦର୍ଶନ। ପଙ୍ଗୁ ଲଂଘୟତେ ଗିରି ଦିବ୍ୟାଙ୍ଗ ମାନଙ୍କ ଅଭିବ୍ୟକ୍ତ ଚିନ୍ତାଧାରା ହେଉ। ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ ସଂସଦୀୟ କ୍ଷେତ୍ର ତଥା ଖୋର୍ଦ୍ଧା ସଦର ମହକୁମାର ସର୍ବାଙ୍ଗୀନ ଉନ୍ନତି ଓ ଦଳିତ, ନିଷ୍ପେସିତ ଲୋକମାନଙ୍କ ସେବା ପାଇଁ ନିଜର ସର୍ବୋଚ୍ଚ ପ୍ରଶାସନିକ ସେବା ଛାଡ଼ି ନିଜକୁ ସେବାରେ ନିୟୋଜିତ କରିଛନ୍ତି। ଆଜି ମଧ୍ୟ ସାଂସଦ ଖୋର୍ଦ୍ଧା ସହରର ୧୨ ଟି ସାହିକୁ ନେଇ ଇସ୍କନ ମନ୍ଦିର ଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ର୍ନିମାଣ, ଆଲୋକିକରଣ ଓ ଡିଭାଇଡର ର୍ନିମାଣ ନିମନ୍ତେ ୨୧.୫୦ କୋଟି ବ୍ୟୟ ଅଟକଳରେ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରି ସହର ବାସୀଙ୍କୁ ଉତ୍ତମ ଗମନାଗମନର ଉପଲବ୍ଧି ଦେଇଛନ୍ତି ଯାହା ତାଙ୍କର ସୁଦୀର୍ଘ ରାଜନୀତିର କେବଳ ସେବାକୁ ସେ ଗୁରୁତ୍ୱ ଦେଇ ମଡେଲ ଖୋର୍ଦ୍ଧା ଓ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରକୁ ତିଆରି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏଥିରେ ସଭାପତିତ୍ୱ କରିଥିଲେ। ସେ କହିଥିଲେ ଯେ, ସାଂସଦ ଓ ବିଧାୟକ ଖୋର୍ଦ୍ଧା ଜିଲ୍ଲା କୁ ରାଜ୍ୟରେ ମଡେଲ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ଅହରହ ପ୍ରୟାସ ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଏ ଭି ଅଶୋକ କୁମାର, ୟୁନିଟ ମୁଖ୍ୟ କୃତ୍ରିମ ଅଙ୍ଗ ପ୍ରସ୍ତୁତକାରୀ ନିଗମ (ଅ। ଲି ମ ସି ଓ) ସ୍ୱାଗତ ଭାଷଣ ଦେଇଥିଲେ । ଉପ ସାଧାରଣ ପରିଚାଳକ, ଭାରତୀୟ ତୈଳ ନିଗମ ଶ୍ରୀ ଏ କେ ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହୀଆଲ, ତହସିଲଦାର , ଖୋର୍ଦ୍ଧା ଶ୍ରୀ ବିଭାସ ପାଣିଗ୍ରାହୀ ମଞ୍ଚାଷିନ ଥିଲେ। ପୂର୍ଣ୍ଣେନ୍ଦୁ ଶେଖର ପଣ୍ଡା ଓ ମୀନାକ୍ଷୀ ମଲ୍ଲ, ଅଧ୍ୟାପକ ଓ ଅଧ୍ୟାପିକା, ସତ୍ୟଭାମାଦେଇ କଲେଜ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ ଆଞ୍ଚଳିକ ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା।

# ଓଡ଼ିଶା ଭିଜନ ୨୦୩୬ ଓ ଉପରେ ୨୦୪୭ କର୍ମଶାଳା




**ଭୁବନେଶ୍ୱର,୨୦।୭ (ମହାଭାରତ):** ଭୁବନେଶ୍ୱରରେ ଖାରବେଳ ଭବନରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢୀ, ଅଧ୍ୟକ୍ଷତା କରିଥିଲେ ଏବଂ ଭିଜନ ଡକ୍ୟୁମେଣ୍ଟର ରଣନୈତିକ ଜ୍ଞାନ ଅଂଶୀଦାର ମ୍ୟାକକିନସେ ଆଣ୍ଡ କମ୍ପାନୀର ବିଶେଷଜ୍ଞମାନେ ସହଯୋଗ କରିଥିଲେ। ଏହି କର୍ମଶାଳାର ଲକ୍ଷ୍ୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହିତ ଓଡ଼ିଶାର ବିକାଶମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ବିଷୟରେ ଦୁଇ ବିଭାଗ ତରଫରୁ ଆଲୋଚନା ହୋଇଥିଲା।

ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ଆକାଂକ୍ଷାକୁ ରୂପରେଖା ଦିଆଯାଇଥିଲା, ଯେଉଁଥିରେ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଜିଏସଡିପି ହାସଲ କରିବା, ଭାରତର ଜିଡିପିରେ ୫% ଯୋଗଦାନ ଦେବା ଏବଂ ୧ କୋଟିରୁ ଅଧିକ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା ଅନ୍ତର୍ଭୁକ୍ତ। ଭିଜନ ୨୦୩୬ ଏବଂ ୨୦୪୭ ଛଅଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ - ପ୍ରଥମେ ଲୋକ, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ପାଇଁ ସମୃଦ୍ଧି, ଐତିହ୍ୟ, ପ୍ରଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି, ଏବଂ ଲୋକ-କେନ୍ଦ୍ରିକ ଶାସନ। ଏକ ପ୍ରମୁଖ ଆକର୍ଷଣ ଥିଲା ୩୬ ପାଇଁ ୩୬ ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା, ଯାହା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଦକ୍ଷତା, କୃଷି ଏବଂ ଜଳବାୟୁ ଭଳି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା। କର୍ମଶାଳା ସମୟରେ, ଅଂଶଗ୍ରହଣକାରୀମାନେ ନମୁନା କାର୍ଯ୍ୟକାରୀ ମଡେଲଗୁଡ଼ିକର ସମୀକ୍ଷା କରିଥିଲେ, ଯେଉଁଥିରେ ସମ୍ବଲପୁର ମହାନଗର ନିଗମ ପାଇଁ ଏକ ବିସ୍ତୃତ ଯୋଜନା ଅନ୍ତର୍ଭୁକ୍ତ ଥିଲା, ଯାହା ଦର୍ଶାଇଥିଲା ଯେ କିପରି ବିଭିନ୍ନ ଦୃଷ୍ଟିକୋଣ ଭୂମିଗତ କାର୍ଯ୍ୟରେ ପରିଣତ ହେବ। ଶ୍ରୀମତୀ ପାଢୀ ସମୟୋଚିତ ବିତରଣ ଏବଂ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂସ୍ଥାଗତ କ୍ଷମତା, ତଥ୍ୟ-ଚାଳିତ ଶାସନ ଏବଂ ବିଭାଗ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ୍ୟ କର୍ମଶାଳାରେ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଏକ ସମ୍ପୂର୍ଣ୍ଣ-ସରକାରୀ ଆଭିମୁଖ୍ୟ ଭଳି ଯନ୍ତ୍ରପାତିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା।

ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ଉଭୟ ବିଭାଗକୁ ନିର୍ଦ୍ଦିଷ୍ଟ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କର୍ମଶାଳାରେ ବାଣିଜ୍ୟ ଓ ପରିବହନ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁମାନେ ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଏକ ବିକଶିତ ଏବଂ ଅନ୍ତର୍ଭୁକ୍ତ ଓଡ଼ିଶା ଗଠନରେ ଭିତ୍ତିଭୂମି ଏବଂ ସହରାଞ୍ଚଳ ପରିବର୍ତ୍ତନର ଭୂମିକା ଉପରେ ଆଲୋଚନା କରିଥିଲେ।

# ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ ପାଳିତ

**ଭୁବନେଶ୍ୱର,୨୦।୭ (ମହାଭାରତ):** ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ତା'ର ନବମ ଅଧିଷ୍ଠାନ ଦିବସ ପାଳନ କରିଛି। ଏହି ଅବସରରେ ଦାୟିତ୍ୱ ହସ୍ତାନ୍ତର ସ୍ୱରୂପ ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରୋଟାରିଆନ ଆଡଭୋକେଟ ଦିଲ୍ଲୀପ୍ କୁମାର ଜେନା ଓ ଶ୍ରୀ ପୁର ପ୍ରଧାନ ଯଥାକ୍ରମେ ସଭାପତି ଓ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡ. ମୃତ୍ୟୁୟ ରଥ ଓ ଡ. ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଛି।




ଶୁକ୍ରବାର ଦିନ ପୂର୍ବାହ୍ନରେ ସୋଆ ବିଶ୍ୱବିଦ୍ୟାଳୟର ଏକ ସଭା କକ୍ଷରେ ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ପକ୍ଷରୁ ଆୟୋଜିତ ଏକ ଭବ୍ୟ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପିଡିଜି ଶିବବ୍ରତ ଦାଶ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଏ.ଜି ଡ. ଶିଶିରକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କରାଯାଉଥିବା ସେବାକାର୍ଯ୍ୟ ସଂପର୍କରେ ଅଲୋକପାତ କରିଥିଲେ। ବିଶେଷକରି କ୍ଲବ ପକ୍ଷରୁ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଂପ୍ରତିକ ସମୟରେ ବହୁ ଗୁରୁତ୍ୱ ବହନ କରେ ବୋଲି ଅତିଥିମାନେ ମତ ରଖିଥିଲେ।

ଡ. କେ.ସି. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସଭାପତି ଆର.ସି. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଗତ ବର୍ଷରେ କ୍ଲବ ପକ୍ଷରୁ କାରାଯାଇଥିବା କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସଂଗୀତ ଗାନ କରିଥିଲେ ରୋଟାରିଆନ ନିହାରୀକା ମିଶ୍ର। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସର୍ବଶ୍ରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ. ଜଗନ୍ନାଥ ରାଓ, ରନ ପାତ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, କେ. କ୍ରୀଷ୍ଣା ରାଓ, ରାମକୃଷ୍ଣ ମହାରଣା, ଶିକ୍ଷାବିତ୍ ଦେବଦତ୍ତ ମହାନ୍ତି ଓ କ୍ଲବର ପ୍ରଥମ ମହିଳା ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରାନ୍ତପାଳ ଶ୍ରୀ ତ୍ରିପାଠୀ କ୍ଲବରେ ନୂତନ ସଭ୍ୟ ଭାବରେ ରୋଟାରୀ ପିନ୍ ପ୍ରଦାନକରି ତିନି ଜଣଙ୍କୁ ସଭ୍ୟଭାବରେ ଗ୍ରହଣ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ କ୍ଲବର ସଭାପତି ଓ ସଭ୍ୟମାନେ ଯୋଗଦେଇ ନୂତନ ସଭାପତି ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ଅଭିନନ୍ଦନ ଜଣାଇଥିଲେ।

# ଜାତିସଂଘ ରେକର୍ଡରେ କିସ୍ ସ୍ଥାନୀତ

**ଭୁବନେଶ୍ୱର,୨୦।୭ (ମହାଭାରତ):** ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରମାଣ-ଆଧାରିତ ଶିକ୍ଷା ମାଧ୍ୟମରେ ଜନଜାତି ଭବିଷ୍ୟତକୁ ସଶକ୍ତ କରିବାରେ ଅଗ୍ରଣୀ କାର୍ଯ୍ୟ ପାଇଁ କିସ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ(ଇକୋସକ୍) ଉଚ୍ଚସ୍ତରୀୟ ସେଗମେଣ୍ଟ ଦ୍ୱାରା ରେକର୍ଡରେ ସ୍ଥାନିତ ହୋଇଛି। ଚଳିତମାସ ଇକୋସକ୍ ର ସାଧାରଣ ଅଧିବେଶନରେ ଜନଜାତି ବିଷୟରେ ଆଲୋଚନା କାଳରେ କିସ୍ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା ସହ ଏହା ଜାତିସଂଘ ରେକର୍ଡରେ ସ୍ଥାନୀତ ହୋଇଛି।

ବିଶ୍ୱର ସବର୍ବୃହତ ଜନଜାତି ଅନୁଷ୍ଠାନ ଭାବରେ ସ୍ୱୀକୃତି ପାଇଥିବା କିସ୍‌ର ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ଦିଗରେ ଉଲ୍ଲେଖନୀୟ ଯୋଗଦାନ ସହ କିସ୍ ଏକ ସୃଜନଶୀଳ ଶୈକ୍ଷିକ ମଡ୍ଲେର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିପାରିଛି। କିସ୍ ଜନଜାତି ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ସହ ଡିଜିଟାଲ୍ ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଉପରେ ଶିକ୍ଷା ପ୍ରଦାନ କରୁଛି। ଜନଜାତି ପିଲାମାନଙ୍କୁ ସେମାନଙ୍କ ସ୍ଥାନୀୟ ଚାଲେଞ୍ଜର ମୁକାବିଲା ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି। ୟୁନେସ୍କୋ ପୁରସ୍କୃତ ମାତୃଭାଷା ପର୍ଯ୍ୟବେସିତ ବହୁ-ଭାଷୀ ଶିକ୍ଷା ମାଧ୍ୟମରେ ପ୍ରାଥମିକସ୍ତରରେ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିପାରୁଛି ବୋଲି ଜାତିସଂଘର ରେକର୍ଡରେ ଉଲ୍ଲେଖ କରାଯାଇଛି।

ଜନଜାତି ସଂପ୍ରଦାୟ ମଧ୍ୟରେ ପରିବର୍ତ୍ତନ ଆଣିବା, ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ପ୍ରଦାନ କରିବାରେ କିସ୍ ବିଶ୍ୱର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ବିଷୟରେ ଜାତିସଂଘରେ ସର୍ବଦା ଆଲୋଚନା ହେବା ସହ ଏହାର ରେକର୍ଡ ରହୁଛି। ଏହା ଜନଜାତି ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି ସେ କହିଛନ୍ତି। କିସ୍‌କୁ ୨୦୧୫ରେ ଜାତିସଂଘର ଇକୋସକ୍ ଷ୍ଟାଟସ୍ ମିଳିଛି ଏବଂ ବର୍ତ୍ତମାନ ଏହା ଚାଲୁ ରହିଛି।

# ଭୁବନେଶ୍ୱରରେ ଶିବିର କରିବେ ଜାତୀୟ ମାନବାଧିକାର କମିଶନ

**ଭୁବନେଶ୍ୱର,୨୦।୭ (ମହାଭାରତ):** ମାନବାଧିକାର ଉଲ୍ଲଂଘନ ଅଭିଯୋଗ ମାମଲାର ଶୁଣାଣି ପାଇଁ ଭାରତର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ପକ୍ଷରୁ ୨୧-୨୨ ଜୁଲାଇ ୨୦୨୫ରେ ଭୁବନେଶ୍ୱରରେ ଏକ ଦୁଇ ଦିନିଆ ଶିବିର ଆୟୋଜନ କରାଯାଉଛି। ଏନଏଚଆରସିର ଅଧ୍ୟକ୍ଷ, ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ସଦସ୍ୟ ଜଷ୍ଟିସ୍ (ଡ.) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଶ୍ରୀମତୀ ବିଜୟା ଭାରତୀ ସାୟାନି ଏବଂ ପ୍ରିୟଙ୍କ କାନୁନଗୋ ଜୁଲାଇ ୨୧ ସକାଳ ୧୦ଟାରୁ ରାଜ୍ୟ ଅତିଥି ଭବନରେ ମାମଲାଗୁଡ଼ିକର ଶୁଣାଣି କରିବେ। ଏନଏଚଆରସିର ମହାସଚିବ ଭାରତ ଲାଲ, ରେଜିଷ୍ଟ୍ରାର (ଆଇନ) ଜୋଗିନ୍ଦର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଶିବିର ବୈଠକ ଏବଂ ଖୋଲା ଶୁଣାଣିରେ ଯୋଗଦେବେ। ମାମଲାଗୁଡ଼ିକର ଶୁଣାଣି ବ୍ୟତୀତ, ମାନବାଧିକାର ଉଲ୍ଲଂଘନର ପୀଡିତ ଓ ପୀଡ଼ିତାମାନଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରି ମାନବାଧିକାର ଉପରେ କର୍ତ୍ତୃପକ୍ଷଙ୍କୁ ସଚେତନ କରିବା ଶିବିରର ଲକ୍ଷ୍ୟ। କମିଶନ ନାଗରିକ ସମାଜ ସଂଗଠନ, ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ (ଏଚଆରଡି) ପ୍ରତିନିଧିମାନଙ୍କ ସହିତ ମଧ୍ୟ ଆଲୋଚନା କରିବେ। ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକ ମଧ୍ୟରେ ସାମ୍ବାଦିକ, ମାନବାଧିକାର ରକ୍ଷାକାରୀ (ଏଚଆରଡି) ଏବଂ ସେମାନଙ୍କ ପରିବାର ଉପରେ ହେଉଥିବା ଆକ୍ରମଣ; ମହିଳା ବିରୋଧୀ ଅପରାଧ; ପୋକସୋ ସମେତ ନାବାଳକ ଅପରାଧ; ସାପ କାମୁଡ଼ା ଏବଂ ଚିକିତ୍ସା ସହାୟତା ଅଭାବରୁ ମୃତ୍ୟୁ; ଭଦ୍ରକ, କେନ୍ଦ୍ରାପଡ଼ା କନ୍ୟା ସନ୍ତାନ ଚାଲାଣ ଅନ୍ତର୍ଭୁକ୍ତ।

# ସୁଶାସନ ଅଭ୍ୟାସ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୦।୭ (ମହାଭାରତ):** ସୁଶାସନ ଅଭ୍ୟାସ ସଂପର୍କିତ ଜାତୀୟ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶ ଉପରେ ଦେଶର ବିଭିନ୍ନ ଜିଲ୍ଲାରୁ ସମ୍ମିଳନୀରେ ଯୋଗଦେଇଥିବା ଜିଲ୍ଲାପାଳମାନେ ସେମାନଙ୍କର ସଫଳତା ଉପସ୍ଥାପନ କରିଥିଲେ। ଏହା କିପରି ସଂପୃକ୍ତ ବ୍ଲକଗୁଡ଼ିକର ବିକାଶ ହେବା ସଂଗେ ସଂଗେ ଜିଲ୍ଲା ତଥା ରାଜ୍ୟର ବିକାଶରେ ସହାୟକ ହୋଉପାରିଛି, ସେ ସଂପର୍କରେ ଆଲୋକପାତ କରିଥିଲେ।



ସମ୍ମିଳନୀର ଏହି ଦ୍ୱିତୀୟ ଅଧିବେଶନ, ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ବିଭାଗର ଯୁଗ୍ମ ଶାସନ ସଚିବ ଶ୍ରୀମତୀ ସରିତା ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ରାଜ୍ୟ ଷଢ଼େଇକଳା-ଖରସୁଆଁ ଜିଲ୍ଲା ଗମ୍ହାରିଆ ବ୍ଲକ ସହିତ ଜିଲ୍ଲାର ସାମଗ୍ରିକ ବିକାଶ ସଂପର୍କରେ ଜିଲ୍ଲାପାଳ ରବି ଶଙ୍କର ଶୁକ୍ଳା ଉପସ୍ଥାପନ କରିଥିବା ବେଳେ କେରଳ ରାଜ୍ୟ କସରଗଡ ଜିଲ୍ଲା ପାରାପ୍ପା ବ୍ଲକର ବିକାଶ ସହିତ ଜିଲ୍ଲାର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ସଂପର୍କରେ ଜିଲ୍ଲାପାଳ ଇମ୍ବାଶେକର କାଳିମୁଥୁ, ତେଲେଙ୍ଗାନା ରାଜ୍ୟ ଆଦିଲାବାଦ ଜିଲ୍ଲା ଅନ୍ତର୍ଗତ ନାରନୁର ବ୍ଲକରେ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଜିଲ୍ଲାପାଳ ରାଜର୍ଷି ଶାହ ଏବଂ ତ୍ରିପୁରା ଗଙ୍ଗନଗର ବ୍ଲକରେ ଉଲ୍ଲେଖନୀୟ ବିକାଶ ସଂପର୍କରେ ଜିଲ୍ଲାପାଳ ବାହୀଦ୍ ଏ.ଆଲୋକପାତ କରିଥିଲେ।

ତେଲେଙ୍ଗାନାର ଆଦିଲାବାଦ ଜିଲ୍ଲାରେ ଗୋଷ୍ଠୀ ସମ୍ପ୍ରଦାୟ-ନେତୃତ୍ୱାଧୀନ ଏବଂ ଅନ୍ତର୍ଭୁକ୍ତିକରଣ ପଦକ୍ଷେପ ମାଧ୍ୟମରେ ସ୍ୱାସ୍ଥ୍ୟସେବାରେ ପରିବର୍ତନ ଅଣାଯାଇପାରିଛି। ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଭିତିଭୂମିର ସୁଦୃଢୀକରଣ ଏବଂ ଆଦିବାସୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ସରକାରୀ ପଦକ୍ଷେପକୁ ଲକ୍ଷ୍ୟଭିତିକ କରାଯାଇପାରିଛି। ସେହିପରି, ତ୍ରିପୁରାରେ ସ୍ଥାନୀୟ ନେତୃବୃନ୍ଦଙ୍କ ସକ୍ରିୟ ଅଂଶଗ୍ରହଣ ରାଜ୍ୟବ୍ୟାପୀ ସାମାଜିକ ବିକାଶ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ଏବଂ କେନ୍ଦ୍ରର ସାମଗ୍ରିକ ପ୍ରୟାସରେ ସ୍ଥାନୀୟ ବିକାଶ ପୂର୍ବକ ଦେଶର ବିକାଶ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସଫଳତା ଉପସ୍ଥାପନ, ଦେଶର ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ଆଗାମୀ ଦିନରେ ଅଭିନବତ୍ୱର ସହ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଛି।

# ମହିଳାଙ୍କୁ ସ୍ୱାଧୀନତା ପ୍ରଦାନରେ ସରକାର ବିଫଳ

**ଭୁବନେଶ୍ୱର,୨୦।୭ (ମହାଭାରତ):** ମହିଳା ମାନେ ସନ୍ଧ୍ୟା ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ଏକ ତାଲିବାନୀ ଅର୍ଡର ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିଦିଆଯାଇଥିଲା। ଏହାକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ମହିଳାଙ୍କ ସ୍ୱାଧୀନତା ଉପରେ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ତୀବ୍ର ସମାଲୋଚନା କରିଛି।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ। ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ, ରାଜ୍ୟ ସରକାର ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳ ହୋଇଛନ୍ତି ବୋଲି, ଏହା ଏକ ପ୍ରମାଣ ସ୍ୱରୂପ ଉଭା ହୋଇଛି। ନିସନ୍ଦେହରେ ଏହି ତାଲିବାନୀ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି ବୋଲି ଡ଼ ମହାନ୍ତି କହିଛନ୍ତି।

ସେ କହିଥିଲେ, ଏହି ବିଜ୍ଞପ୍ତି ରେଭେନ୍ସା ପରି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ବିଜେପି ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡିଶା ପାଇଁ ଆଉଥରେ ଲଜ୍ୟା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ, ଏହାକୁ ପ୍ରତ୍ୟାହାର କରି ଦିଆଯାଇଥିଲା। ଏହି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ଏହାଛଡା ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ, ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଡ଼ ମହାନ୍ତି ଦାବି କରିଛନ୍ତି।

# ଅକ୍ଷୟ ଶକ୍ତି ସ୍ଥାପନ ଲାଗି ଏନଟିପିସିକୁ କ୍ଷମତା ପ୍ରଦାନ

**ଭୁବନେଶ୍ୱର,୨୦।୭ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଏନଟିପିସି ଲିମିଟେଡକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ମହାରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କ୍ଷମତା ପ୍ରଦାନ ଲାଗି ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ, ଏହି କ୍ଷମତା ପ୍ରଦାନ କରାଯାଇଛି। ଏନଟିପିସି ଲିମିଟେଡ୍ ଏହି କ୍ଷମତା ବଳରେ ନିଜର ସହାୟକ କମ୍ପାନୀ ଏନଟିପିସି ସବୁଜ ଶକ୍ତି ଲିମିଟେଡ୍ (ଏନଜିଇଏଲ)ରେ ନିବେଶ କରିପାରିବ। ଏହା ପରେ ଏନଜିଇଏଲ ଦ୍ୱାରା ଏନଟିପିସି ଅକ୍ଷୟ ଶକ୍ତି ଲିମିଟେଡ୍ (ଏନଆରଇଏଲ) ଓ ଏହାର ଯୌଥ/ସହାୟକ ଉଦ୍ୟୋଗରେ ନିବେଶ କରାଯାଇ ପାରିବ।

## ରାଜନୈତିକ ଅଭିସନ୍ଧି

କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା । କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି । ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି । ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି । ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି । କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି । କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ । ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା । ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ । ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି । ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା । ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ । ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ । ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି । କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ । ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି । ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି । ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା । ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି । ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ । ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି । ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି । କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ ।

## ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

॥ ଉମେଶ ଚନ୍ଦ୍ର ପାତ୍ର ॥

> "ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ ।

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର୍ କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଏକ ଐଶୀକଳା ସଂପନ୍ନ ବରପୁତ୍ର

॥ ଫଜଲ ହକ ଖାନ୍ ॥

କାଳରେ ଧର୍ମର ଗ୍ଲାନି ଘଟିବ । କଲକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ । ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି । ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ । ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି । ଯଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି । ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ । ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ । ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ । ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ । ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି । ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ । ତାହାକୁ ପୂଣ୍ୟାତ୍ମା ଦିଆଯାଇଛି । ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି । ସେ ଅଭିନନ୍ଦନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି । ତାଙ୍କରି ଆଗମନ ସହିତ କରୁଣା ନିହିତ । ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ । ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ । ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି । ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ । ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ । ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ । ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ । ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ । ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା । ସର୍ବେଭବନ୍ତୁ ସୁଖିନଃର ସହର ବସାଇବା । ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

## ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗିର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ

## ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ପ୍ରତି ସନାତନୀ ପରିବାର ସଂକଳ୍ପ ବଦ୍ଧ ହେବା ଦରକାର




ଦାନଗଦି, (ମହାଭାରତ ): ଆମ ଦେଶ ଭାରତ ବର୍ଷ ରେ ସଂଖ୍ୟାଧିକ ହିନ୍ଦୁ ସନାତନ ଧର୍ମ ର ଲୋକମାନେ ବସବାସ କରୁଥିବା ବେଳେ ଆଜି ଦେଶ ର ପ୍ରତ୍ୟେକ କୋଣେ ଅନୁକୋଣେ ହିନ୍ଦୁ ସମାଜ ପ୍ରତି ପ୍ରତି କ୍ଷଣ ରେ ବିପଦ ମାଡି ଆସୁଛି, ହିନ୍ଦୁ ଙ୍କ ଉପରେ ଅତ୍ୟାଚାର ସବୁଠି ଆକ୍ରମଣ ହେଉଛି ଜାତି ଧର୍ମ ପଚାରି ବିଧର୍ମୀ ମାନେ ହତ୍ୟା କରୁଛନ୍ତି,ତେଣୁ ଏପରି ଘଡି ସନ୍ଧି ମୁହୂର୍ତ୍ତ ରେ ସନାତନୀ ହିନ୍ଦୁ ମାନଙ୍କ ର ନିଦ ଭାଙ୍ଗୁନାହଁ କି ଚେତୁ ନାହାନ୍ତି ଅନ୍ୟ ଧର୍ମ ର ଲୋକମାନଙ୍କ ମଧ ରେ ଏକତା ଅଛି, ଗୋଟିଏ ମସଜିଦ କି ଚର୍ଚ୍ଚ ରେ ଗୋଟିଏ ଡାକରା ରେ ଏକ ହୋଇ ପାରୁଛନ୍ତି କିନ୍ତୁ ଦୁଃଖ ଦୁର୍ଭାଗ୍ୟ ର କଥା ଏ ବୀର ଜାତିର ପୁତ୍ର ଆଜି ସୁପ୍ତ ସିଂହ ପରି ଶୋଇ ରହିଛି, ହିନ୍ଦୁ ମାନଙ୍କୁ ଭାଗ ଭାଗ କରୁଛି ଜାତିପ୍ରଥା, ଆଉ ବାକି ରାଜନେତା ମାନେ ବିଭିନ୍ନ ରାଜନୈତିକ ଦଳ ଭାବେ ଭାଗ ଭାଗ ହୋଇ ଅଲଗା ହୋଇ ରହୁଛନ୍ତି, ଯାହାର ଫାଇଦା ନେଇ ଗାଁ ଗାଁ ବସ୍ତି ବସ୍ତି ରେ ବିଧର୍ମୀ ମାନେ ଆମ ଭାଇ ମାନଙ୍କର ଧର୍ମ ପରିବର୍ତ୍ତନ କରୁଛନ୍ତି, ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମନ୍ତରଣ କରୁଛନ୍ତି, ଏସବୁ ସମ୍ବେଦନଶୀଳ ଚିନ୍ତଜନ କ ବିଷୟ କୁ ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷ ରୁ ଚଳିତ ବର୍ଷ ସେବା ସପ୍ତାହ ପୂର୍ତ୍ତୀ ଅବସରରେ ବ୍ୟାସ ନଗର ସ୍ଥିତ ମୁଣ୍ଡମାଳ ଶିଶୁ ମନ୍ଦିର ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ବଜରଙ୍ଗୀ ଭାଇ ମାନେ ନଗର ପରିକ୍ରମା କରି ଶିଶୁ ମନ୍ଦିର ରେ ପହଞ୍ଚିଲା ପରେ ବୌଦ୍ଧିକ ମଣ୍ଡପ ଠାରେ ସଭା ଆରମ୍ଭ ହୋଇଥିଲା, ମା ଭାରତୀ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଏକାତ୍ମସ୍ତ୍ର, ବିଜୟ ମହାମନ୍ତ୍ର, ସାମୁହିକ ହନୁମାନ ଚାଳିଶା ପାଠ, ପଣ୍ଡିତ ଆଚାର୍ଯ୍ୟ ଆକାଶ ଶର୍ମା ଓ ହିମାଂଶୁ ଶର୍ମା ମାର୍ଗ ଦର୍ଶନ ଦେଇଥିବା ବେଳେ ଓ ଶେଷରେ ଶାନ୍ତି ପାଠ ସହ ଜୟ ଘୋଷ ହୋଇଥିଲା, ଏହି ବୈଠକ ରେ ତିନି ଶହ ରୁ ଉର୍ଦ୍ଧ ବଜରଙ୍ଗୀ ଭାଇ, ମାତୃମଣ୍ଡଳୀ ମୁଖ୍ୟ ଅତିଥି ଅଭିମନ୍ୟୁ ମିଶ୍ର.ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀକାନ୍ତ ମହାପାତ୍ର.ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର. ଜିଲ୍ଲା ସହ ସଂଯୋଜକ ସାରଦା ପ୍ରସନ୍ନ ବଳ. ଜିଲ୍ଲା ସୁରକ୍ଷା ପ୍ରମୁଖ ସନ୍ତୋଷ ପତି. ଜିଲ୍ଲା ଗୋରକ୍ଷା ପ୍ରମୁଖ ସନ୍ତୋଷ ସାହୁ. ବରିଷ୍ଠ କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ମହାଳିକ, ପୂର୍ବତନ ଜିଲ୍ଲା ସଂଯୋଜକ ପ୍ରତାପ ନାୟକ, ପ୍ରଶାନ୍ତ କୁମାରପାତ୍ର, ମାନସ ବାରିକ, ବିଂଝାରପୁର ସଂଯୋଜକ ସୁବୋଧ ଧଳ,ନଗର ସଂଯୋଜକ ଗୋପାଳ ଦୀକ୍ଷିତ, କୋରେଇ ସଂଯୋଜକ ମଧୁସୂଦନ ସାମଲ. ବ୍ୟାସନଗର ସଂଯୋଜକ ଶାନ୍ତନୁ ସାହୁ. ଦାନଗଦି ସହ ସଂଯୋଜକ ସଦାନନ୍ଦ ଦାସ, ସୁକିନ୍ଦା ପ୍ରଖଣ୍ଡ ସହ ସଂଯୋଜକ ପ୍ରଶାନ୍ତ ରଣା. ରସଲପୁର ପ୍ରଖଣ୍ଡ ସୁରକ୍ଷା ପ୍ରମୁଖ ବିଶ୍ୱନାଥ ମଲିକ. ବଡ଼ଚଣା ପ୍ରଖଣ୍ଡ ସଂଯୋଜକ ଅନନ୍ତ ଦାସ. ପ୍ରମୁଖ ଉପସ୍ଥିତ ଥିଲେ, ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସହଯୋଗ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ର ସହକାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ଆରଡିସି କାର୍ଯ୍ୟାଳୟ ଘେରାଉ ନେଇ ଆସିକା ବିଜେଡିର ପ୍ରସ୍ତୁତି ବୈଠକ




ଆସିକା, (ମହାଭାରତ) :ବିଜୁ ଜନତା ଦଳ ର ରାଜ୍ୟ ସଭାପତି ଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଆର.ଡି.ସି ଅଫିସ ଘେରାଉ ଓ ବିକ୍ଷୋଭ ନିମନ୍ତେ ଆସିକା ବିଜେଡି କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଫଏମ୍ କଲେଜ ମୃତ ଛାତ୍ରୀଙ୍କ ନିମନ୍ତେ ଦୁଇ ମିନଟ ନୀରବ ପାର୍ଥନା କରାଯାଇଥିଲା । ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ର ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଯୁବ ନେତା ନଚିକେତା ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଳଧର ସାହୁ, ଏନ ଏ ସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ନଗର ମହିଳା ବିଜେଡି ସଭାନେତ୍ରୀ ଏମ.ରଶ୍ମିତା ସେନାପତି , ସରପଞ୍ଚ ଜୟନ୍ତୀ ବେହେରା , ଜିଲ୍ଲା ପରିଷଦ ସଭ୍ୟ ବି. ମନୋଜ କୁମାର ଦୋରାଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ଯୋଗ ଦେଇ ନିଜନିଜର ସୁମତାମତ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଆଲୋଚନା ହୋଇଥିଲା । ଏହି ପ୍ରସ୍ତୁତି ବୈଠକ ରେ ବିଜେଡି ସମର୍ଥିତ ଆସିକା ବ୍ଲକ ଅଧକ୍ଷା,ଏବଂ ଦଳୀୟ ଚିହ୍ନରେ ବିଜୟୀ ହୋଇଥିବା ଆସିକା ଏନ ଏ ସି ଅଧକ୍ଷା ଏବଂ ଦଳୀୟ ଚିହ୍ନରେ ବିଜୟୀ ହୋଇଥିବା କିଛି ଜିଲ୍ଲା ପରିଷଦ ସଦସ୍ୟ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

## ଓଟିଇଟି ପରିକ୍ଷା ସ୍ଥଗିତ

ଗଜପତି, (ମହାଭାରତ) : ଆଜି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ବିଜ୍ଞପ୍ତି ପରେ ଓଟିଇଟି ପରୀକ୍ଷା ହେବ ବୋଲି ଜଣା ପଡିଛି ।ପରୀକ୍ଷାର ପ୍ରଥମପତ୍ର ଓ ଦ୍ୱିତୀୟ ପତ୍ର ପରିକ୍ଷା ଥିବା ବେଳେ ଆଜି ବାତିଲ୍ ହୋଇଯାଇଛି ।ଏଥି ପାଇଁ ବହୁ ଦୂରଦୂରାନ୍ତରୁ ଆସି ବହୁ ଅସୁବିଧାର ସମ୍ମୁଖୀନ ହୋଇ ପରୀକ୍ଷାର୍ଥୀ ।ଗଜପତି ଜିଲ୍ଲାର ପାଞ୍ଚଟି ସ୍କୁଲରେ ଓଟିଇଟି ପରୀକ୍ଷା ସେଣ୍ଟର ହୋଇଥିଲା। ପରିକ୍ଷା ସେଣ୍ଟର ଆସି ଦେଖିଲାବେଳକୁ ଗେଟ୍ ଖୋଲା ହୋଇନଥିବା ବେଳେ ପରିକ୍ଷାର୍ଥୀ ହତାଶ ହୋଇ ଫେରିଛନ୍ତି ।ଗଜପତି ଜିଲ୍ଲା ଏକ ଆଦିବାସୀ ଅଧୁକ୍ଷିତ ଜିଲ୍ଲା ହୋଇଥିବା ବେଳେ ଉପାନ୍ତ ଅଞ୍ଚଳରୁ ପରିକ୍ଷାର୍ଥୀ ମାନେ ପରିକ୍ଷା ଦେବାପାଇଁ ଆସିଥିଲେ ।ପରିକ୍ଷା ବାତିଲ ହେବା ପୁର୍ବ ସୂଚନା ଦିଆଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି ।

## ଶିଶୁ ଅନନ୍ତ ପ୍ରେସ କ୍ଲବ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ବାଲିପାଟଣା, (ମହାଭାରତ): ଶିଶୁ ଅନନ୍ତ ପ୍ରେସ କ୍ଲବର ସଭାପତି ବିଦ୍ୟାଭୂଷଣ ଭୋଳଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ମୃତ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା ବାଲିପାଟଣା ଛକ ଠାରୁ ବାଲିପାଟଣା ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଶିଶୁ ଅନନ୍ତ ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ମାନଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ତେବେ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ନିର୍ଯାତନା, ଯୌନ ଉତ୍ପୀଡନ, ଦୁଷ୍କର୍ମ ଓ ହିଂସା ଘଟଣା ବଢ଼ିଯାଇଥିବା ପରିପ୍ରେକ୍ଷୀରେ ୫ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିପାଟଣା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଯେଉଁଥିରେ ସୌମ୍ୟାଶ୍ରୀ ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ନ୍ୟାୟିକ ତଦନ୍ତ, ନିର୍ଭୟା ଆଇନ୍ ଭଳି ସୌମ୍ୟାଶ୍ରୀ ଆଇନ ପ୍ରଣୟନ, ମହିଳା ସୁରକ୍ଷା ପାଇଁ ଦୁର୍ଗମ ଏବଂ ସଂବେଦନଶୀଳ ସ୍ଥାନଗୁଡ଼ିକରେ ନିୟମିତ ପୋଲିସ୍ ପେଟ୍ରୋଲିଂ ବ୍ୟବସ୍ଥା ଇତ୍ୟାଦି ସେହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏହା ସହ ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ବାଲିପାଟଣା କଲେଜ ଛକ ସ୍ଥିତ ବାଟ ମହାବୀରଙ୍କ ନିକଟରେ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ଶିକ୍ଷାବିତ୍ ନାରାୟଣ ବେହେରା,ଦଳିତ ନେତା କୈଳାଶ ଚନ୍ଦ୍ର ସେଠୀ,ସମାଜସେବୀ ରଶ୍ମିରଞ୍ଜନ ପଣ୍ଡା, ଅଜିତ କୁମାର ପାଇକରାୟ, ଜଗନ୍ନାଥ ପଣ୍ଡା,ନାରାୟଣ ବେହେରା, ବିଷ୍ଣୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ଲା ବ୍ଲକ ଯାଦବ ସମିତି ପୁନଃର୍ଗଠିତ



ନର୍ଲା, (ମହାଭାରତ) : ରବିବାର ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରକ୍ଷିତ ଭଇଁସାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାଏକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶୁନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନର୍ଲା ବ୍ଲକ ଯାଦବ ସମିତିର ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଭାବରେ ଅଜିତ କରୁଆଁ, କୋଷାଧ୍ୟକ୍ଷ ଭାବେ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶୁନ୍ନ କୁମାର ଜାଲ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୫ ଗୋଟି ଆଞ୍ଚଳିକ ଯାଦବ ସମିତିର କର୍ମକର୍ତ୍ତାଙ୍କ ସମେତ ବହୁ ଯାଦବ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ।

## ଲୋକଙ୍କ ପାଇଁ ବିପଦ ସାଜିଛି ନାଗାବଳୀ ନଦୀ

ଲାଞ୍ଜିଗଡ଼, (ମହାଭାରତ): ରାଜ୍ୟ ଅବା କେନ୍ଦ୍ର ସରକାର ନଦୀ ଆର ପାରିରେ ଥିବା ଗାଁ ଗୁଡିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି କ୍ଷ ହେଲେ ଦୁର୍ନୀତି ଖୋର ଯନ୍ତ୍ରୀ ଓ ଠିକାଦାର ମାନଙ୍କ ଅବହେଳା ଯୋଗୁଁ ଏହା କେଉଁଠି ଅଧପନ୍ତରିଆ ଭାବରେ ପଡ଼ି ରହିଛି ତ କେଉଁଠି କାମ ଶୁଭାରମ୍ଭ ନହୋଇ ସରକାର ଙ୍କ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ହୋଇ କେବଳ କାଗଜ କଲମ ସୀମିତ ଚାଲିଛି। ଯାହା ଦ୍ୱାର ନଦୀ ନାଳ ଆର ପାରି ରେ ଥିବା ଗାଁ ଲୋକେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗିଆସୁଛନ୍ତି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୪୦ ରୁ ଉର୍ଦ୍ଧ ଗାଁର ପ୍ରାୟ ୫ ହଜାର ପାଖାପାଖି ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି କ୍ଷ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଓ ରାୟଗଡା ସିମାନ୍ତରେ ଥିବା ଦୁର୍ଗମ ସିଲେଟ ଗ୍ରାମପଞ୍ଚାୟତ ରେ। ସ୍ୱାଧୀନତାର ୭୮ ବର୍ଷ ପରେ ବି ଆଜି ସୁଦ୍ଧା ଏହି ପଞ୍ଚାୟତରେ ସରକାର ଙ୍କ ମାଳ ମାଳ ଯୋଜନା ଫେଲ ମାରିଛି। ନେତା , ମନ୍ତ୍ରୀ ଓ ଅଫିସର ଙ୍କ ଗସ୍ତ ସତ୍ୱେ ମଧ ଏଠାକାର ଲୋକଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳି ପାରି ନାହିଁ। ପଞ୍ଚାୟତ ର ଅଧିକାଂଶ ଗାଁ କୁ ପକ୍କା ରାସ୍ତା ଖଣ୍ଡିଏ ନାହିଁ ଯାହାଫଳରେ ଯାତାୟତ କ୍ଷେତ୍ରରେ ପ୍ରମୁଖ ସମସ୍ୟା ଦେଖାଦେଇଛି। ସୁଚନା ମୁତାବକ ମାଳତି ପଦର ଓ କାନ୍ଦୁଲ ଗୁଡା ଗାଁ ମଝିରେ ଥିବା ନାଗାବାଳି ନଦୀ ଏବେ ଲୋକଙ୍କ ପାଇଁ ବିପଦ ସାଜିଛି। ୨୦୨୩ ମସିହାରେ ଏଠାରେ ଏକ ଉଚ୍ଚ ତମ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏଥିପାଇଁ ସରକାର ଙ୍କ ଅନୁଦାନ ଅର୍ଥ ମଞ୍ଜୁର ହୋଇ ଖର୍ଚ୍ଚ ମଧ କରାଯାଉଛି। ହେଲେ ଏହା ୩ ବର୍ଷ ବିତିଗଲାଣି ନିର୍ମାଣ କାର୍ଯ୍ୟ ଶେଷ ନହୋଇ ଅଧପନ୍ତରିଆ ଭାବରେ ପଡ଼ି ରହିବା ତାହା ଦୁର୍ଭାଗ୍ୟର ବିଷୟ। ଲୋକଙ୍କ ଯିବା ଆସିବା ପାଇଁ ଏବେ ବିପଦ ସାଜିଛି ନାଗାବଳୀ ନଦୀ ବେଳେ ବେଳେ ଲୋକଙ୍କୁ ଏଭଳି ପରିସ୍ଥିତି ବାଧ କରି ଥାଏ ଜୀବନ କୁ ବାଜି ଲଗାଇ ଭରା ନଈ ରେ ଲୋକେ ନଦୀ ପାର ହୁଅନ୍ତି ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ବିଭିନ୍ନ ସମୟରେ ଏଠାରେ ଲୋକଙ୍କ ଧନଜୀବନ କ୍ଷତି ହୋଇଥିବା ଅଭିଯୋଗ ହେଉଛି ବର୍ଷା ଦିନେ ନଦୀ ଫୁଲିବା ଯୋଗୁଁ ନଈ ଆରପାରିରେ ଥିବା ଗାଁ ଗୁଡ଼ିକର ଲୋକେ ଜଳବନ୍ଦୀ ଭିତରେ ରହିଥାନ୍ତି। ଜରୁରୀ କାଳୀନ ଆମ୍ବୁଲାନ୍ସ ସେବା ଏମାନଙ୍କ ପାଇଁ ସାତ ସପନ ପାଲଟିଥାଏ । ରୋଗୀ ଅବା ଗର୍ଭବତୀ ମହିଳା ଠିକ୍ ସମୟରେ ମେଡିକାଲ ପହଞ୍ଚି ନପାରି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ସବୁ ଜାଣି ଶୁଣି ବିଭାଗୀୟ ଅଧିକାରୀମାନେ ନିରବ ଦ୍ରଷ୍ଟା ସାଜିବା ଯୋଗୁଁ ନାଗାବଳୀ ନଦୀ ଠାରେ ନିର୍ମାଣ ହେଉଥିବା ବ୍ରିଜ କାମ ସଂପୂର୍ଣ୍ଣ ନହୋଇ ଅଧପନ୍ତରିଆ ଅବସ୍ଥାରେ ରହିଥିବା ଲୋକେ କହିଛନ୍ତି। ନାଗାବଳୀ ନଦୀ କୁ ନେଇ ଜିଲ୍ଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ଏହି ଦୁଇ ଗୋଟି ବ୍ଲକର ଅଧିକାଂଶ ଗାଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ଯାହାକି ମାଳତି ପଦର, କାନ୍ଦୁଲ ଗୁଡା, ବିଳାମାଳ, ଖୁଟଖାଳ, ପାଜୀଖାଳ, ଝଂଜି, ବଣ୍ଡେଲ, ଦୂରବେଲଗୁଡା, ମାରଗୁମା, ମୁସପାନ, ସରମାଣ୍ଡି, ଦାଣ୍ଡ ପଦର, ଚୁପେନ, ସେମିଖାଲ, ପୁଇଗୁଡ଼ା, ସର୍ଗିଗୁଡା, ଚୁରି ସିମେଲ, ସାଇମାସ୍କ, ବାତେରପଡ଼ା,ଓ ପୀଡିଶାଳ, ଭଳି ଗାଁ ଗୁଡ଼ିକର ଲୋକେ ଦୁର୍ଦ୍ଦଶା ଭୋଗିଆସୁଥିବା ବେଳେ ବିଶେଷ ଭାବରେ ସିଲେଟ ପଞ୍ଚାୟତ ବାସୀ ଙ୍କୁ ନାଗାବଳୀ ନଦୀ ବାଧକ ସାଜିଛି। ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା,ଗୋରୁ ଗାଈ , ଙ୍କୁ ନଦୀ ପାର କରିବା, ରୋଗୀ, ଏବଂ ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି କ୍ଷ ତେତେ ବ୍ରିଜ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀ ଙ୍କ ଖାମଖିଆଲି ମନଭାବ ଯୋଗୁଁ ୨୦୨୩ ମସିହାରେ ଆରମ୍ଭ କରିଥିଲେ ସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ କରି ପାରିନାହାନ୍ତି ବୋଲି ଅଞ୍ଚଳ ବାସି ଅସନ୍ତୋଷ ପ୍ରକାଶ କରିଛନ୍ତି କ୍ଷ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ କାମକୁ ଠିକ ଭାବରେ ତଦାରଖ କରୁ ନାହାନ୍ତି ଯାହାଦ୍ୱାରା କାମ ମନ୍ଥର ଗତିରେ କାମ ଚାଲିଛି ବୋଲି ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି କ୍ଷ ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି କ୍ଷ

## ଧାନ ସଂଗ୍ରହ ନିମନ୍ତେ ରାମ ଲିଙ୍ଗେଶ୍ୱର ସମବାୟ ସମିତି ପକ୍ଷରୁ ଚାଷୀ ପଞ୍ଜିକୃତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ନୂଆ କେରାଣ୍ଡିରେ ଥିବା ରାମ ଲିଙ୍ଗେଶ୍ୱର ପ୍ରାଥମିକ ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକୃତ ଆରମ୍ଭ ହୋଇ ଯାଇଛି ।ଏହି ଚାଷୀ ପଞ୍ଜିକୃତ ୧୯ ଜୁଲାଇରୁ ଆରମ୍ଭ ହୋଇ ୨୫ ଅଗଷ୍ଟ ମଧ୍ୟରେ ରାମ ଲିଙ୍ଗେଶ୍ୱର ପ୍ରାଥମିକ ସମବାୟ ସମିତିରେ ଆବେଦନ କରିପାରିବେ ।ଚାଷୀ ପଞ୍ଜିକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ଯଥା ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ ଆଧାର କାର୍ଡର ନକଲ,ଜମି ପଟ୍ଟା, ଜମିର ପ୍ରମାଣ ପତ୍ର ସହିତ ମୋବାଇଲ ନମ୍ବର ଆବଶ୍ୟକତା ରହିଛି ବୋଲି ରାମ ଲିଙ୍ଗେଶ୍ୱର ସମବାୟ ସମିତିର ସମ୍ପାଦକ ଇ ରାମ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି

## ରାଙ୍ଗାପାରୁ ସେବାଶ୍ରମ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣାକୁ ନେଇ ଉଠିଲା ପ୍ରଶ୍ନ




କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଅନୁସୁଚିତ ଜାତି ଓ ଜନଜାତି ସେବାଶ୍ରମ ବିଦ୍ୟାଳୟ ଗୁଡିକରେ ବାରମ୍ବାର ଛାତ୍ରୀ ଗର୍ଭବତୀକୁ ନେଇ ଜିଲ୍ଲା ପ୍ରଶାସନର ମୁଣ୍ଡ ବିନ୍ଧା ପାଲଟିଛି ।ଗତକାଲି ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବେଲଘର ରାଙ୍ଗାପାରୁ ସେବାଶ୍ରମ ବିଦ୍ୟାଳୟରେ ଦଶମ ଶ୍ରେଣି ଛାତ୍ରୀ ଗର୍ଭବତୀ କୁ ନେଇ ସବୁଠି ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହି ଘଟଣାକୁ ନେଇ ଜିଲ୍ଲାରେ ଲଜ୍ୟା ଜନକ ବିଷୟ ପାଲଟିଛି । ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପ୍ରସାଶନ ହରଡ ଘଣାରେ ।ଘଟଣା ପ୍ରକାରେ ଛାତ୍ରୀ ଜଣକ ଛୁଟିପରେ ହଷ୍ଟେଲକୁ ଫେରିଥିଲା ।କିଛି ମାସ ପରେ ସେ ଗର୍ଭବତୀ ହୋଇଥିବା ଦାଇତ୍ୱରେ ଥିବା ମେଟ୍ରୋନ୍ ,ଏଏନ୍ଏମ,ଓ ପ୍ରଧାନଶିକ୍ଷକ ଜାଣିବାକୁ ପାଇଥିବା ସୂଚନା ଦେଇଛନ୍ତି ।ଏ ନେଇ ତୁମୁଡିବନ୍ଧ ଥାନାରେ ଛାତ୍ରୀର ବାପା ମାଆ ଅଭିଯୋଗ କରିଛନ୍ତି ।ତୁମୁଡ଼ିବନ୍ଧ ଥାନା ପକ୍ଷରୁ ୮୫/୨୫ ରେ ଏକ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା କହିଛନ୍ତି ଥାନା ଅଧିକାରୀ ଆଶୁତୋଷ ଜେନା ।ଛାତ୍ରୀର ବାପା,ମାଆ କହିବା ପ୍ରକାରେ ଝିଅ ଛୁଟିରେ ଘରକୁ ଯାଇଥିବା ବେଳେ ଝିଅ ଠିକ୍ ଥିଲା ଛୁଟି ସରିବା ପରେ ସେ ହଷ୍ଟେଲକୁ ଫେରିଥିଲା ଏବଂ ଝିଅ ଗର୍ଭବତୀ ହୋଇଥିବା ଖବର ପ୍ରଧାନଶିକ୍ଷକ ଜଣାଇବାରୁ ଆମେ ଏ ବିଷୟରେ ଜାଣିବାକୁ ପାଇଲୁ, ଏ ଘଟଣା କେମିତି ହେଲା ଆମେ ଏ ବିଷୟରେ କିଛି ଜଣିନାହୁଁ ତେଣୁ ତୁମୁଡିବନ୍ଧ ଥାନାର ଦ୍ୱାରସ୍ତ ହୋଇଛୁ ।ଏପଟେ ଝିଅଟିର କୈଣସି ପୁଅ ସହିତ ପ୍ରେମ ସଂମ୍ପର୍କ ଥାଇପାରେ ବୋଲି ସଂନ୍ଦେହ ସୃଷ୍ଟି ହେଉଥିବା ଜଣାପଡିଛି ।ଏଠାରେ ଆମର ସେବାଶ୍ରମ ଦାଇତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ ଛାତ୍ରୀମାନେ ଛୁଟିପରେ ବିଦ୍ୟାଳୟ ହଷ୍ଟେଲକୁ ଫେରିବା ପରେ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରଯାଇ ହଷ୍ଟେଲରେ ରହିବାକୁ ଅନୁମତି ରହିବା ସରକାରଙ୍କ ନିୟମ ରହିଛି ,କାହିଁକି ଏହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ,ଯଦି ଠିକରେ ସ୍ୱାସ୍ଥ୍ୟ ଚେକିଙ୍ଗ୍ କରାଯାଇଥିଲା ଛାତ୍ରୀର ଗର୍ଭବତୀ ପାଇଁ କିଏ ଦାୟୀ ତାହାର ଉତ୍ତର ରଖନ୍ତୁ ହଷ୍ଟେଲ ଦାୟୀତ୍ୱରେ ଥିବା ମେଟ୍ରୋନ୍,ଏଏନ୍ଏମ୍ ଓ ପ୍ରଧାନଶିକ୍ଷକ ।ରାଙ୍ଗାପାରୁ ସେବାଶ୍ରମ ବିଦ୍ୟାଳୟଟି ଉପାନ୍ତ ଅଞ୍ଚଳ ମାଓ ଇଲାକାରେ ହୋଇଥିବା ହେତୁ ଏହି ଅଞ୍ଚଳକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରାୟ ସମୟରେ ପାଦ ପଡୁନଥିବା ରୁ ଯାହାର ଫାଇଦା ଏଠାକାର ସେବାଶ୍ରମ ଗୁଡିକ ଉଠାଉଥିବା ବେଳେ ଛାତ୍ରୀମାନଙ୍କୁ ଏଭଳି ଦଶା ବାରମ୍ବାର ଭୋଗିବାକୁ ପଡୁଛି ।ଯାହାଫଳରେ କି ଗତ କିଛି ବର୍ଷ ହେଲା ସେବାଶ୍ରମ ଗୁଡିକରେ ଛାତ୍ରୀ ଗର୍ଭବତୀ ଘଟଣା ବଢିବାରେ ଲାଗିଛି ।ଏ ନେଇ ଦାଇତ୍ୱରେ ଥିବା ପ୍ରଧାନ ଶିକ୍ଷକ ଲିଗଂରାଜଙ୍କ ଫୋନ ଯୋଗେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲୁ ତାଙ୍କ ସହିତ ଯୋଗାଯୋଗ ହୋଇପାରି ନାହିଁ ।ଜିଲ୍ଲା ପ୍ରଶାସନ ଏହାର ସଠିକ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଅଛି ।

## ଦଶପଲ୍ଲା ପୋଲିସ ଦ୍ଵାରା ବନ୍ଧୁକ ଜବତ

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ତୁମାଣ୍ଡୀ ପଂଚାୟତ ର ଟିଆଁପଦର ଗ୍ରାମରେ ଚୋରା ଦେଶୀ ବନ୍ଧୁକ ଥିବାର ଦଶପଲ୍ଲା ପୋଲିସ ଖବର ପାଇ ସେହି ଗ୍ରାମର ନରେଶ ଯାନୀ ଙ୍କ ଘରେ ଚଢ଼ାଉ କରିଥିଲେ। ପୋଲିସ କୁ ଦେଖି ନରେଶ ନିଜ ବାଡ଼ିପଟ ଖତ ଗଦା କୁ ବନ୍ଧୁକ କୁ ଫୋପାଡ଼ି ଦେଇ ନିକଟସ୍ଥ ଘଞ୍ଚ ଜଙ୍ଗଲ କୁ ଦୌଡ଼ି ପଳାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ବନ୍ଧୁକ କୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଖୁବ ଶୀଘ୍ର ଅଭିଯୁକ୍ତ କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀଣୀ ଅନିତା ସାହୁ ପ୍ରକାଶ କରିଛନ୍ତି ।ଦୁଃଖର ବିଷୟ ଥାନା ଅଧିକାରୀଣୀ କୌଣସି ଖବର ସାମ୍ବାଦିକ ଙ୍କୁ ଦେଉନାହାନ୍ତି ।କଣ ପାଇଁ ଦେଉନାହାନ୍ତି ତାହା କେବଳ ସେ ନିଜେ ହିଁ କହିପାରିବେ।

## ଯୋଡା ପୌରପାଳିକାରେ ସ୍ଥାୟୀ ପରିବା ବଜାର ନିର୍ମାଣ ହେବ କେବେ

### ଖରା ଦିନରେ ତଡ଼ିଥିଲେ,ବର୍ଷା ଦିନରେ ବି ତଡ଼ିଲେ



ଯୋଡା,(ମହାଭାରତ ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ରେ ଏବେ ପରିବା ଦୁକାନି ମାନେ ଚିନ୍ତା ଆଜି ଏଠିତ କାଲିସେଠୀ ଏଠାରେ ଦେଖିବାକୁ ଗଲେ ୧୪ ଗୋଟି ୱାର୍ଡ଼୍ କୁ ନେଇ ଯୋଡା ପୌରପାଳିକା ଏହି ସହର ର ମଧ୍ୟରେ ଦେଇ ଯାଇଥିବା ଫ୍ଲାଏ ଓଭର ରାସ୍ତା କଡ଼ରେ ବିକ୍ରି କରୁଥିବା ପରିବା ବିକାଳୀ ଙ୍କୁ ଶନିବାର କଲ୍ୟାଣ ମଣ୍ଡପ ନିକଟକୁ ସ୍ଥାନାନ୍ତର କରି ଦିଆ ଯାଇଛି । ପରିବା ବିକାଳୀ ମାନେ ବର୍ଷାରେ ଭିଜି ଭିଜି ବହୁ କଷ୍ଟରେ ପରିବା ବିକ୍ରି କରୁଛନ୍ତି । ପରିବା ବିକାଳୀ ଙ୍କ ଅଭିଯୋଗ ଅନୁଯାୟୀ,ଫ୍ଲାଏ ଓଭର ରାସ୍ତା କଡ଼ରେ ପୂର୍ବ ରୁ ପରିବା ବିକ୍ରି କରୁ ଥିଲେ । ଗତ ମେ ମାସ ଖରା ଦିନରେ କଲ୍ୟାଣ ମଣ୍ଡପ ଠାରେ ପରିବା ବଜାର ନିର୍ମାଣ ର ଆଶା ଦେଇ ପୌର ପାଳିକା ପକ୍ଷରୁ ସେମାନଙ୍କୁ ସେଠାରୁ ତଡ଼ି ଦିଆ ଯାଇଥିଲା। ୧୫ ଦିନ ଧରି କଲ୍ୟାଣ ମଣ୍ଡପ ନିକଟରେ ପରିବାୟ ବିକାଳୀ ମାନେ ବିକ୍ରି କରିବା ପରେ ମଧ୍ୟ ପୌର ପାଳିକା। ପକ୍ଷରୁ ସ୍ଥାୟୀ ବଜାର ବ୍ୟବସ୍ଥା କରାଯାଇ ନ ଥିଲା। ଯଫଳରେ ଫ୍ଲାଏ ଓଭର ଛାତ ତଳେ ପୁଣି ପରିବା। ବିକାଳୀ ମାନେ ଆଶ୍ରୟ ନେଇ ପରିବା ବିକ୍ରି କରୁଥିଲେ ।ଉକ୍ତ ରାସ୍ତାରେ ପରିବା। ବିକ୍ରି ହେବା ଯୋଗୁଁ ପୂର୍ବ ପରି ଟ୍ରାଫିକ ଜାମ ଦେଖା ଦେଇଥିଲା ।ଏହାକୁ ଦୃଷ୍ଟିରେ ରଖି ପୌର ପାଳୀକା ପକ୍ଷରୁ ପୁନର୍ବାର ପରିବା ବିକାଳୀ ଙ୍କୁ ସ୍ଥାନାନ୍ତର କରାଯାଇଛି ।ମାତ୍ର ଏ ପର୍ଯ୍ୟନ୍ତ ସେଠାରେ ବଜାର ର ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଖୋଲା ଆକାଶ ତଳେ ବର୍ଷାରେ ଭିଜି ଭିଜି ପରିବା ବିକ୍ରି କରୁଛନ୍ତି ।ଯାହାକୁ ନେଇ ପରିବାୟ ବିକାଳୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।ଲଗାଣ ବର୍ଷା। ହେଲେ ସେଠାରେ ପରିବା ବିକ୍ରି କରିବା ଅସମ୍ଭବ ହୋଇ ପଡ଼ିଛି। ଏ ସମ୍ପର୍କରେ ପୌର ଯନ୍ତ୍ରୀ ମନୋଜ କୁମାର ବେହେରା କହିଛନ୍ତି ଯେ,ଖୁବ୍ ଶୀଘ୍ର ପରିବା ବିକାଳୀ ଙ୍କ ସୁରକ୍ଷା ପାଇଁ ତାରପୋଲିନ ବ୍ୟବସ୍ଥା କରାଯିବ ।ତେବେ ଏହି ଫ୍ଲାଏ ଓଭର ର ସର୍ଭିସ ରୋଡ କଡ଼ରେ ଦିନକୁ ଦିନ ଦୋକାନ, ବଜାର,ଗ୍ୟାରେଜ,ଗଢି ଉଠି ଥିବାରୁ ରାସ୍ତାରେ ଟ୍ରାଫିକ ସମସ୍ୟା ଅନ୍ୟ ଏକ ମୁଖ୍ୟ କାରଣ ହୋଇଛି ।ଏଣୁ ବେଆଇନ ଭାବେ ଜାଗା ଦଖଲ କରିଥିବା ଦୋକାନ ଓ ଗ୍ୟାରେଜ ଗୁଡିକୁ ଉଚ୍ଛେଦ ପାଇଁ ଜନ ସାଧାରଣରେ ଦାବି ହେଉଛି ।

## .ଷଣ୍ଡକୁଦ ଜଗନ୍ନାଥ ମନ୍ଦିର ର ଉନ୍ନତିକରଣରେ ବ୍ୟବହୃତ ହେବ ଦାନ ହୁଣ୍ଡିରୁ ସଂଗୃହିତ ଅର୍ଥ



ପାରାଦୀପ(ମହାଭାରତ): ପାରାଦୀପ ର ଷଣ୍ଡକୁଦ ଠାରେ ଥିବା ଜଗତ୍ତାଥ ମନ୍ଦିର ର ଦାନ ହୁଣ୍ଡୀ ଗତ ଶୁକ୍ରବାର ଦିନ ଖୋଲାଯାଇ ସେଥିରୁ ୩୪ ହଜାର ୪୪ ଟଙ୍କା ସଂଗୃହିତ ହୋଇଛି ।ଏହି ଅର୍ଥ ରାଶି ମନ୍ଦିର ଟ୍ରଷ୍ଟ ରେ ଦାଖଲ କରାଯାଇ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନିୟୋଜିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ର ସଦସ୍ୟ ଗଦାଧର ଦାସ ସୂଚନା ଦେଇଛନ୍ତି। ସୂଚନା ଥାଉକି ଗତ ଗୁରୁପୂର୍ଣ୍ଣିମା ରେ ୭ ହଜାର ଶ୍ରଦ୍ଧାଳୁ ଙ୍କ ପାଇଁ ଆନନ୍ଦ ବଜାର ରେ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା । ସୂଚନାଥାଉକି ଏହି ଜଗତ୍ତାଥ ମନ୍ଦିର ଟି ଷଣ୍ଡକୁଦ ବସ୍ତିର ସର୍ବ ପୁରାତନ ମନ୍ଦିର । ତେବେ ବସ୍ତିର ମୁରବୀ ଓ ଶ୍ରଦ୍ଧାଳୁ ମାନଙ୍କ ଉଦ୍ୟମରେ ନିକଟରେ ମନ୍ଦିରର ନବକଳେବର କରାଯାଇ ସେଠାରେ ରୀତି ନୀତି ଅନୁଯାୟୀ ଦୈନିକ ପୂଜାର୍ଚ୍ଚନା ଓ ଉତ୍ସବ ମାନ ପାଳିତ ହୋଇଆସୁଛି ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି ।

## ଧାନମଣ୍ଡି ପାଇଁ ଚାଷୀ ଙ୍କ ଲିଖିତ ଅଭିଯୋଗ

ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ର ଚାଷୀଙ୍କୁ ନେଇ ଅବହେଳା କରୁଥିବାର ଦେଖାଯାଇଛି। ଚାଷୀ ଟିଏ ସବୁବେଳେ ନିଷ୍ପେସିତ ଓ ଅବହେଳିତ ଅବସ୍ଥାରେ ଜୀବନ ବିତାଉଥିବା ଭଳି ଜଣାପଡୁଛି। ପ୍ରତ୍ୟେକ ସମୟରେ ପ୍ରତି ସରକାରଙ୍କ ସ୍ଲୋଗାନ ଶୁଣିବାକୁ ମିଳେ ଆମେ ଚାଷୀ ଙ୍କ ସ୍ୱାର୍ଥରେ ଅଛୁ ଓ ସର୍ବଦା ଚାଷୀ ମାନଙ୍କ ସମସ୍ତ ପ୍ରକାର ଅସୁବିଧା ଦୂର କରିଦେବୁ, ଏଇ ପ୍ରକାର ରାଜନୀତିର ଘଡିସନ୍ଧି ଭିତରେ ବାସ୍ତବ ଚିତ୍ରରେ ଦେଖିଲେ ଚାଷୀ ଆଜି ହତାଶୟତାର ଦୁଃଖ ବିଗତ ସରକାର ଙ୍କ ସମୟରେ ଯାହା ଥିଲା ଆଜି ମଧ୍ୟ ସେମିତି ଅଛି। ଆଜି ମଧ୍ୟ ତାର ହକ୍ ପାଇଁ ସେ ଲଢେଇ କରିଚାଲିଛି ଚାଲିଥିବ ମଧ୍ୟ। ଏପରି କହିବାର ଦୃଷ୍ଟିକୋଣ ଏହି କି ଯେ ମଧ୍ୟଖଣ୍ଡ, ଗ୍ରାମ ପଞ୍ଚାୟତ ର ଚାଷୀ ମାନେ ମଧ୍ୟ ଧାନ ମଣ୍ଡି ର ସୁବ୍ୟବସ୍ଥା ପାଇଁ ସଂଘର୍ଷ କରୁଛନ୍ତି। ସୂଚନାଯୋଗ୍ୟ ଯେ ମଧ୍ୟଖଣ୍ଡ ସେବା ସମବାୟ ସମିତି ଅନ୍ତର୍ଭୁକ୍ତ ଚାଷୀ ନିଜର ଧାନ ଫସଲ କୁ ଉଚିତ ମୂଲ୍ୟ ରେ ବିକ୍ରି କରି ପାରୁନାହାନ୍ତି। ମଧ୍ୟଖଣ୍ଡ ସେବା ସମବାୟ ସମିତି ଅନ୍ତର୍ଭୁକ୍ତ ଚାଷୀ ଘୋଳାହାଣ୍ଡି ସେବା ସମବାୟ ସମିତି ରେ ଅବସ୍ଥିତ ଧାନ ମଣ୍ଡି କୁ ଆଜକୁ ୭ ବର୍ଷ ହେଲା ନିଜର ଧାନକୁ ଦେଉଛନ୍ତି। ଏତଦ୍ୱାରା ମଧ୍ୟଖଣ୍ଡ ସେବା ସମବାୟ ସମିତି ଓ ଚାଷୀଙ୍କ କ୍ଷତି ଘଟୁଥିବା ମଧ୍ୟଖଣ୍ଡ ସେବା ସମବାୟ ସମିତି ର ସଭାପତି ଦୃଢୋକ୍ତୀ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଏହି ସେବା ସମବାୟ ସମିତି ବର୍ଷ କୁ ୫ ରୁ ୧୦ଲକ୍ଷ ପର୍ଯ୍ୟନ୍ତ କ୍ଷତି ଘଟୁଥିବା ଓ ଚାଷୀଙ୍କର ମଧ୍ୟ କ୍ଷତି ଘଟୁଥିବା ଅଭିଯୋଗ କରି ଛନ୍ତି। ବିଗତ ଦିନରେ ଉପ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ ବିଭାଜନ ଓ ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଜଣାଇବା ପରେ ଉପ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ ଙ୍କ ପତ୍ର ନଂ ୯୫ ତା ୧୭/୦୧/୨୦୨୫ ଓ ପତ୍ର ନଂ ୧୧୩୮ ତା ୧୮/୦୬/୨୦୨୫ ରେ କରିଥିବା ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନ କୁ ଜଣାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ହାସ୍ୟାସ୍ପଦ କଥା ବୋଲି ଚାଷୀଙ୍କ ମତ। ଏଣୁ କୌଣସି ସୁଫଳ ନ ମିଳି ବାରୁ ଚାଷୀ ମାନେ ଏଥିପାଇଁ ସମସ୍ତ ପ୍ରକାର ଲିଖିତ ଅଭିଯୋଗ ଜିଲ୍ଲାପାଳ, ବିଡିଓ, ତହସିଲ, ବିଧାୟକ ଙ୍କ ମାଧ୍ୟମରେ ବିଭାଗୀୟ ମନ୍ତ୍ରୀ , ଓ ସମସ୍ତ ପ୍ରଶାସନିକ ଅଧିକାରୀ ଙ୍କୁ ଜଣାଇଛନ୍ତି। ସରକାର ସେମାନଙ୍କ ସମସ୍ୟାର ସମଧାନ ଶୀଘ୍ର ନ କଲେ ଏଥିପାଇଁ ପୁଣୀ ସେଇ ଚିରାଚରିତ ଢଙ୍ଗରେ ରାଜ ରାସ୍ତାରେ ଆଗାମୀ ତା ୨୫/୦୭/୨୦୨୫ ରିଖ ଦିବା ୧୧ ଘଂଟିକା ସମୟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏଥିପାଇଁ ଯାହା କିଛି ସମସ୍ୟା ଉପୁଜିବ ସେଥିପାଇଁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି। ଦେଖାଯାଉ ସରକାରଙ୍କ ନିଦ କେବେ ଭାଙ୍ଗୁଛି ଓ ଚାଷୀ ଙ୍କ ଦୁଃଖ ଦୂର ହେଉଛି ?

## .ସୋମ୍ୟାଶ୍ରୀ ଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଳିଙ୍ଗ ଓମେନ୍ସ ପାୱାରର ଦାବି



ପାରାଦୀପ(ମହାଭାରତ): ବାଲେଶ୍ୱର ଜିଲ୍ଲାର ଫକୀରମୋହନ ବିଶ୍ୱବିଦ୍ୟାଳୟ ର ଛାତ୍ରୀ ସୁଶ୍ରୀ ସୋମ୍ୟାଶ୍ରୀ ବିଶି ଙ୍କ ହୃଦୟବିଦାରକ ଆତ୍ମାହୁତି ଓ ମୃତ୍ୟୁ ପାଇଁ ସାରା ଓଡିଶା ମର୍ମାହତ। ତେବେ ଏହି ଘଟଣା କୁ ବିରୋଧ କରି ପାରାଦୀପ ର ଅଗ୍ରଣୀ ମହିଳା ସଂଗଠନ କଳିଙ୍ଗ ଓମେନ୍ସ ପାୱାର ସଭାନେତ୍ରୀ ସୁଶ୍ରୀ ମନୋରମା ଖଟୁଆ ଙ୍କ ନେତୃତ୍ୱରେ ଗତ ଶୁକ୍ରବାର ସନ୍ଧ୍ୟାରେ ଲେଙ୍କା ଛକ ଠାରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରା ବାହାରି ପାରାଦୀପ ଆଦର୍ଶ ଥାନା ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ସଂଗଠନ ର ସଭାନେତ୍ରୀ ସୁଶ୍ରୀ ଖଟୁଆ ଏହି ମୃତ୍ୟୁ ଘଟଣାରେ ସଂଶ୍ଳିଷ୍ଟ ଅଭିଯୁକ୍ତ ମାନଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ର ସଦସ୍ୟା କମଳା ଓଝା, ବିଜୟା ଲକ୍ଷ୍ମୀ ଦାସ, ଜ୍ୟୋସ୍ନା ବାହାଦୁର, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ, ବାସନ୍ତୀ ବିନ୍ଧାଣି, ପ୍ରମିଳା ଗୋଛାୟତ, କଲ୍ୟାଣୀ ସ୍ୱାଇଁ, ଉର୍ମିଳା ସାହୁ, ଉପଦେଷ୍ଟା ସଦସ୍ୟ ରବୀନ୍ଦ୍ର ମଲି ଓ ଗଦାଧର ମହାନ୍ତି ଙ୍କ ସମେତ ସଂଖ୍ୟାଧିକ ସଦସ୍ୟା ଯୋଗ ଦେଇଥିଲେ।

## ପବିତ୍ର ଦେଉଳି ମଠ ରେ ବୃକ୍ଷ ରୋପଣ ମହୋତ୍ସବ



କାକଟପୁର (ମହାଭାରତଡ) :ଆଜି ପୁରୀଜିଲ୍ଲା କାକଟପୁରର ଦେଉଳିମଠ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଓ ବରୋଦା ବ୍ୟାଙ୍କ କାକଟପୁର ଶାଖା ମିଳିତ ସହଯୋଗରେ ବୃକ୍ଷ ରୋପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କାକଟପୁର ବନଖଣ୍ଡ ଅଧିକାରିଣୀ ମୋନାଲିସା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଦ୍ୱାରା ପରିବେଶରେ ସ୍ୱଚ୍ଛତା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, କାକଟପୁର ସରପଞ୍ଚ ଅଭୟ ସେଠୀ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ବ୍ରହ୍ମାକୁମାରୀ ନିରୁପମା, ଦୁଷ୍ମନ୍ତ ପରିଡା, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ବିଶ୍ୱଭୂଷଣ ସାହୁ, ସୂର୍ଯ୍ୟନାରାୟଣ ପ୍ରମୁଖ ଯୋଗଦେଇ ବାଜପୁର ରାସ୍ତା ଠାରୁ ଦେଉଳିମଠ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରି ଗଛ ଲଗାନ୍ତୁ ଏବଂ ବିଶ୍ୱ ବଞ୍ଚାନ୍ତୁ ବୋଲି ନାରା ଦେଇଥିଲେ।

## ଅଭିଯୁକ୍ତ ଦାଦା ଗିରଫ ପରେ କୋର୍ଟ ଚାଲାଣ

ଅସ୍ତରଙ୍ଗ(ମହାଭାରତ): ଗତ ୧୦ ତାରିଖ ରେ ଅସ୍ତରଙ୍ଗ ଥାନା ନିକଟବର୍ତ୍ତୀ ପାର୍କ ରାସ୍ତା ରେ ଜଣେ ନାବାଳିକା ଛାତ୍ରୀ ଟ୍ୟୁସନ ସାରି ବିଦ୍ୟାଳୟ କୁ ଆସୁଥିବା ସମୟରେ ୨ ଜଣ ସନ୍ଦିଗ୍ଧ ମୁହଁ ରେ ମାସ୍କ ଲଗାଇ ଏକ କଳା ରଙ୍ଗ ରେ ପଲ୍ସର ବାଇକ ରେ ଆସି ଛାତ୍ରୀ ଙ୍କୁ ମାଡ଼ ମାରିଥିଲେ, ଏହି ଘଟଣା ସମ୍ପର୍କ ରେ ଛାତ୍ରୀ ଙ୍କ ପରିବାର ତରଫରୁ ଅସ୍ତରଙ୍ଗ ଥାନା ରେ ଏତଲା ହୋଇଥିଲା। ଏଥିରେ ଛାତ୍ରୀ ଙ୍କ ପାରିବାରିକ ସମ୍ପର୍କୀୟ ଦାଦି ଙ୍କ ସୁପାରୀ ମୁତାବକ ୨ ଜଣ ଦୁର୍ବୃତ୍ତ ଆସିଥିଲେ ବୋଲି କଥା ଚର୍ଚ୍ଚା କୁ ଆସିଥିଲା, ଘଟଣା ରେ ୧୦ ଦିନ ହୋଇଯାଇଥିଲେ ବି ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳତା ପାଇନଥିବାରୁ ନାବାଳିକା ପରିବାର ଅସ୍ତରଙ୍ଗ ଥାନା ସମ୍ମୁଖରେ ଧାରଣା ରେ ବସିଥିଲେ, ପୋଲିସ ବିଭିନ୍ନ ଦିଗକୁ ଲକ୍ଷ ରଖି ତଦନ୍ତ କରୁଥିବା ସମୟରେ ୧୯ ତାରିଖ ରେ ଅସ୍ତରଙ୍ଗ ଅଞ୍ଚଳ ରୁ ଛାତ୍ରୀ ଙ୍କ ସମ୍ପର୍କୀୟ ଦାଦି ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ବୋଲି ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ମାତ୍ର କେବେ ୨ ସନ୍ଦିଗ୍ଧ ଙ୍କୁ ପୋଲିସ ଧରିବ ତାହା ଉପରେ ସମସ୍ତ ଙ୍କ ନଜର ରହିଛି ବୋଲି ସାଧାରଣ ରେ ଚର୍ଚ୍ଚା ହୋଇଛି।

## ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପିଣିଗ୍ରାହୀଙ୍କ ଏକ ଦିନିଆ ଗଜପତି ଗସ୍ତ

ଗଜପତି(ମହାଭାରତ): ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ ଗଜପତି ଗସ୍ତ କରିଛନ୍ତି ।ଶ୍ରୀଯୁକ୍ତ ସାଂସଦ ପାରଳାଖେମୁଣ୍ଡି ପୌର ପରିଷଦର ୩ ଓ ୪ ନମ୍ବର ୱାର୍ଡ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଏବଂ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ପାହାଡିଆ ଉପରର ବର୍ଷା ଜଳ ଏବଂ ସହରର ପ୍ରତ୍ୟେକ ନାଳ ର ଜଳ ଏହି ୱାର୍ଡ଼ର ନାଳ ଦେଇ ଗତି କରୁଛି ଏହା ଏକ ମୂଖ୍ୟ ସମସ୍ୟା ଥିଲା ସେଥିପାଇଁ ଏହି ନାଳ ର ପୁନରୁଦ୍ଧାର ନିମନ୍ତେ ସାଂସଦ ଙ୍କୁ ଅବଗତ କରିଥିଲେ ସ୍ଥାନୀୟ ଲୋକେ । ଏହି ସମୟରେ ତାଙ୍କ ସହ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଏବଂ ପୌରାଧକ୍ଷା ନିର୍ମଳା ସେଠୀ ଓ ୪ ନମ୍ବର ୱାର୍ଡ ର କାଉନସିଲର ବାଳକୃଷ୍ଣ ପାତ୍ରଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ସହରର ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ବର୍ଷା ସମୟରେ ଜଳ ନିଷ୍କାସନ ସମସ୍ୟା ମଧ୍ୟ ପରଖିଥିଲେ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଖସଡ଼ା ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହାପରେ ସାଂସଦ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଏବଂ ଅତିଶୀଘ୍ର ଏହି ସବୁର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଓଲଟିଲା ଯାତ୍ରୀବାହି ଅଟୋ,ଚାରି ଆହାତ

ଆସିକା(ମହାଭାରତ): ଚିକିତ୍ସା ପାଇଁ ଯାଉଥିଲେ ରୋଗୀ ହୋଇ ଫେରିଲେ । ଯାତ୍ର ବାହି ଅଟୋ ଓଲଟି ଚାରିଜଣ ଆହାତ ହୋଇଛନ୍ତି । ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଝରପାରି ଗ୍ରାମ ନିକଟରେ ।ଯାତ୍ରୀବାହି ଅଟୋ ଦୁର୍ଘଟଣା ରେ ଗାଙ୍ଗପୁର ଗ୍ରାମର ୫୫ ବର୍ଷୀୟା ଶିଶୁଳା ପ୍ରଧାନ,୨୮ ବର୍ଷୀୟ ମୁନା ସ୍ୱାଇଁ, ୨୫ ବର୍ଷୀୟା ସୁନିତା ସ୍ୱାଇଁ, ୨୨ ବର୍ଷୀୟ ରାକେଶ ପାଲାଡୁ ଆହାତ ହୋଇଛନ୍ତି । ସୂଚନା ଅନୁସାରେ ଶିଶୁଳା ଙ୍କୁ ଗୋଟିଏ ଯାତ୍ରୀବାହି ଅଟୋରେ ସମ୍ପର୍କୀୟ ମାନେ ମିଶି ଝରପାରି ଅସ୍ଥି ଚିକିତ୍ସକ ଙ୍କ ପାଖକୁ ଚିକିତ୍ସା ନିମନ୍ତେ ନେବାବେଳେ ଝରପାରି ଗ୍ରାମ ନିକଟରେ ଯାତ୍ରୀ ବହି ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

## ସାରଙ୍ଗଗଡ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ ଅନୁଷ୍ଠିତ

ଫିରିଙ୍ଗିଆ :(ମହାଭାରତ): ଆଜିର ସମୟରେ ମହିଳା ମାନଙ୍କ ପ୍ରତି ଘଟିଥିବା ବିଭିନ୍ନ ଅତ୍ୟାଚାର କୁ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପଦକ୍ଷେପ ମାନ ନିଆଯାଉଥିବା ବେଳେ ବିଭିନ୍ନ କମିଟି ମଧ୍ୟ ଗଠନ କରାଯାଉଛି । ଯେମିତି କି କର୍ମ କ୍ଷେତ୍ରରେ ଓ ଆନୁଷ୍ଠାନିକ ସ୍ତରରେ ଆଭ୍ୟନ୍ତରୀଣ କମିଟି ଗଠନ କରି ମହିଳା ମାନଙ୍କୁ ସୁରକ୍ଷା ଦିଆଯାଇ ପାରୁଛି । ଏହି ପରିପ୍ରେକ୍ଷି ରେ ସାରଙ୍ଗଗଡ ମହାବିଦ୍ୟାଳୟ ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହାବିଦ୍ୟାଳୟର ଅଧକ୍ଷ କମିଟିର ସମସ୍ତ ସଭ୍ୟ ସଭ୍ୟା ଙ୍କୁ ସ୍ୱାଗତ କରିବା ସହିତ ଏହି କମିଟିର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ଏହି କମିଟିରେ ଥିବା ସମସ୍ତ ସଦସ୍ୟଙ୍କ ର ଭୂମିକା ହେଉଛି କାର୍ଯ୍ୟ କ୍ଷେତ୍ରରେ ହେଉ କିମ୍ବା ବିଦ୍ୟାଳୟ ସ୍ତରରେ ହେଉ ଯଦି କୌଣସି ମହିଳା ମାନଙ୍କ ପ୍ରତି ଅସଦାଚରଣ ହୁଏ ତେବେ ତୁରନ୍ତ ଏହି କମିଟି ହସ୍ତକ୍ଷେପ କରି ତାର ସମାଧାନ କରିବ ଏବଂ ଆବଶ୍ୟକ ସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସୁପାରିଶ କରିବେ । ସ୍ୱାତୀ ଅନୁଷ୍ଠାନ ଙ୍କ ତରଫରୁ ସଂଯୋଜିକା ସୁସ୍ମିତା ଜେନା ଜଣେ ସଭ୍ୟା ହିସାବରେ ଉପସ୍ଥିତ ରହି କମିଟିର ଭୂମିକା କୁ କିପରି ଉପଯୋଗୀ କରିହେବ ସେ ବିଷୟରେ ବୁଝାଇଥିଲେ। ଆଗାମି ଦିନରେ ଏହି କମିଟି କୁ ସୁଦୃଢ କରିବାକୁ ଅଧକ୍ଷ ସମସ୍ତ ବିଭାଗର ଅଧିକାରି ମାନଙ୍କୁ ଅନୁରୋଧ କରିଥିଲେ।



## ନାଗାବଳୀ ନଦୀ ଲୋକଙ୍କ ପାଇଁ ବିପଦ ସାଜିଛି

# ଭରା ନଈରେ ଜୀବନ କୁ ବାଜି ଲଗାଇ ନଦୀ ପାର ହେଉଛି ଲୋକେ

ଲାଞ୍ଜିଗଡ଼,( ମହାଭାରତ) ରାଜ୍ୟ ଅବା କେନ୍ଦ୍ର ସରକାର ନଦୀ ଆର ପାରିରେ ଥିବା ଗାଁ ଗୁଡିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି । ହେଲେ ଦୁର୍ନୀତି ଖୋର ଯନ୍ତ୍ରୀ ଓ ଠିକାଦାର ମାନଙ୍କ ଅବହେଳା ଯୋଗୁଁ ଏହା କେଉଁଠି ଅଧପନ୍ତରିଆ ଭାବରେ ପଡ଼ି ରହିଛି ତ କେଉଁଠି କାମ ଶୁଭାରମ୍ଭ ନହୋଇ ସରକାର ଙ୍କ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ହୋଇ କେବଳ କାଗଜ କଲମ ସୀମିତ ଚାଲିଛି। ଯାହା ଦ୍ୱାର ନଦୀ ନାଳ ଆର ପାରି ରେ ଥିବା ଗାଁ ଲୋକେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗିଆସୁଛନ୍ତି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୪୦ ରୁ ଉର୍ଦ୍ଧ ଗାଁର ପ୍ରାୟ ୫ ହଜାର ପାଖାପାଖି ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଓ ରାୟଗଡା ସିମାନ୍ତରେ ଥିବା ଦୁର୍ଗମ ସିଲେଟ ଗ୍ରାମପଞ୍ଚାୟତ ରେୟ ସ୍ୱାଧୀନତାର ୭୮ ବର୍ଷ ପରେ ବି ଆଜି ସୁଦ୍ଧା ଏହି ପଞ୍ଚାୟତରେ ସରକାର ଙ୍କ ମାଳ ମାଳ ଯୋଜନା ଫେଲ ମାରିଛି। ନେତା , ମନ୍ତ୍ରୀ ଓ ଅଫିସର ଙ୍କ ଗସ୍ତ ସତ୍ୱେ ମଧ୍ୟ ଏଠାକାର ଲୋକଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳି ପାରି ନାହିଁ। ପଞ୍ଚାୟତ ର ଅଧିକାଂଶ ଗାଁ କୁ ପକ୍କା ରାସ୍ତା ଖଣ୍ଡିଏ ନାହିଁ ଯାହାଫଳରେ ଯାତାୟାତ କ୍ଷେତ୍ରରେ ପ୍ରମୁଖ ସମସ୍ୟା ଦେଖାଦେଇଛି। ସୁଚନା ମୁତାବକ ମାଳତି ପଦର ଓ କାନ୍ଦୁଲ ଗୁଡା ଗାଁ ମଝିରେ ଥିବା ନାଗାବାଲି ନଦୀ ଏବେ ଲୋକଙ୍କ ପାଇଁ ବିପଦ ସାଜିଛି। ୨୦୨୩ ମସିହାରେ ଏଠାରେ ଏକ ଉଚ୍ଚ ତମ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏଥିପାଇଁ ସରକାର ଙ୍କ ଅନୁଦାନ ଅର୍ଥ ମଞ୍ଜୁର ହୋଇ ଖର୍ଚ୍ଚ ମଧ୍ୟ କରାଯାଉଛି। ହେଲେ ଏହା ୩ ବର୍ଷ ବିତିଗଲାଣି ନିର୍ମାଣ କାର୍ଯ୍ୟ



ଶେଷ ନହୋଇ ଅଧପନ୍ତରିଆ ଭାବରେ ପଡ଼ି ରହିବା ତାହା ଦୁର୍ଭାଗ୍ୟର ବିଷୟ। ଲୋକଙ୍କ ଯିବା ଆସିବା ପାଇଁ ଏବେ ବିପଦ ସାଜିଛି ନାଗାବଳୀ ନଦୀ ବେଳେ ବେଳେ ଲୋକଙ୍କୁ ଏଭଳି ପରିସ୍ଥିତି ବାଧ କରି ଥାଏ ଜୀବନ କୁ ବାଜି ଲଗାଇ ଭରା ନଈ ରେ ଲୋକେ ନଦୀ ପାର ହୁଅନ୍ତି ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ବିଭିନ୍ନ ସମୟରେ ଏଠାରେ ଲୋକଙ୍କ ଧନଜୀବନ କ୍ଷତି ହୋଇଥିବା ଅଭିଯୋଗ ହେଉଛି ବର୍ଷା ଦିନେ ନଦୀ ଫୁଲିବା ଯୋଗୁଁ ନଈ ଆରପାରିରେ ଥିବା ଗାଁ ଗୁଡ଼ିକର ଲୋକେ ଜଳବନ୍ଦୀ ଭିତରେ ରହିଥାନ୍ତି। ଜରୁରୀ କାଳୀନ ଆମ୍ବୁଲାନ୍ସ ସେବା ଏମାନଙ୍କ ପାଇଁ ସାତ ସପନ ପାଲଟିଥାଏ ।ରୋଗୀ ଅବା ଗର୍ଭବତୀ ମହିଳା ଠିକ୍ ସମୟରେ ମେଡିକାଲ ପହଞ୍ଚି ନପାରି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ସବୁ ଜାଣି ଶୁଣି ବିଭାଗୀୟ ଅଧିକାରୀମାନେ ନିରବ ଦ୍ରଷ୍ଟା ସାଜିବା ଯୋଗୁଁ ନାଗାବଳୀ ନଦୀ ଠାରେ ନିର୍ମାଣ ହେଉଥିବା ବ୍ରିଜ କାମ ସଂପୂର୍ଣ୍ଣ ନହୋଇ ଅଧପନ୍ତରିଆ ଅବସ୍ଥାରେ ରହିଥିବା ଲୋକେ କହିଛନ୍ତି। ନାଗାବଳୀ ନଦୀ କୁ ନେଇ ଜିଲ୍ଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ଏହି ଦୁଇ ଗୋଟି ବ୍ଲକର ଅଧିକାଂଶ ଗାଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ଯାହାକି ମାଳତି ପଦର, କାନ୍ଦୁଲ ଗୁଡା, ବିଳାମାଳ, ଖୁଟଖାଲ, ପାଜୀଖାଲ, ଝାଂଜି, ବଣ୍ଡେଲ, ଦୂରବେଲଗୁଡା, ମାରଗୁମା, ମୁସପାନ, ସରମାଣ୍ଡି, ଦାଣ୍ଡ ପଦର, ରୁପେନ, ସେମିଖାଲ, ପୁଇଗୁଡ଼ା, ସର୍ଗିଗୁଡା, ଟୁରି ସିମେଲ, ସାଇମାସ୍କ, ବାତେରପଡ଼ା,ଓ ପୀଡିଶାଲ, ଭଳି ଗାଁ ଗୁଡ଼ିକର ଲୋକେ ଦୁର୍ଦ୍ଦାଶା ଭୋଗିଆସୁଛଥିବା ବେଳେ ବିଶେଷ ଭାବରେ ସିଲେଟ ପଞ୍ଚାୟତ ବାସୀ ଙ୍କୁ ନାଗାବଳୀ ନଦୀ ବାଧକ ସାଜିଛି। ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା,ଗୋରୁ ଗାଈ , ଙ୍କୁ ନଦୀ ପାର କରିବା, ରୋଗୀ, ଏବଂ ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି। ତେତେ ବ୍ରିଜ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀ ଙ୍କ ଖାମଖିଆଲି ମନଭାବ ଯୋଗୁଁ ୨୦୨୩ ମସିହାରେ ଆରମ୍ଭ କରିଥିଲେ ସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ କରି ପାରିନାହାନ୍ତି ବୋଲି ଅଞ୍ଚଳ ବାସି ଅସନ୍ତୋଷ ପ୍ରକାଶ କରିଛନ୍ତି । ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ କାମକୁ ଠିକ ଭାବରେ ତଦାରଖ କରୁ ନାହାନ୍ତି ଯାହାଦ୍ୱାରା କାମ ମ୍ୟନ ଗତିରେ କାମ ଚାଲିଛି ବୋଲି ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

## ଅହମଦାବାଦ ବିମାନ ଦୁର୍ଘଟଣା: ଆମେରିକା ଗଣମାଧ୍ୟମ ରିପୋର୍ଟକୁ ମନ୍ତ୍ରୀଙ୍କ ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ: ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ଜଣେ ବରିଷ୍ଠ ପାଇଲଟଙ୍କ ଉପରେ ଦୋଷ ଲଦିବାକୁ ଉଦ୍ୟମ କରିଥିବା ପାଶ୍ଚାତ୍ୟ ଗଣମାଧ୍ୟମର ଦାବିକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ବିମାନ ଦୁର୍ଘଟଣା ତଦନ୍ତ ପାଇଁ ଦାୟୀ କେନ୍ଦ୍ରୀୟ ସଂସ୍ଥା- ବିମାନ ଦୁର୍ଘଟଣା ତଦନ୍ତ ଶାଖା (ଏଏଆଇବି) ଉପରେ ତାଙ୍କର ଭରସା ଅଛି। ପ୍ରାରମ୍ଭିକ ତଦନ୍ତ ପାଇଁ ଏଏଆଇବିକୁ ପ୍ରଶଂସା କରି ମନ୍ତ୍ରୀ ନାଇଡୁ କହିଛନ୍ତି, 'ମୁଁ ଏଏଆଇବି ଉପରେ ବିଶ୍ୱାସ କରେ। ଏଏଆଇବି ଦ୍ୱାରା କରାଯାଉଥିବା କାର୍ଯ୍ୟ ଉପରେ ମଧ୍ୟ ବିଶ୍ୱାସ କରେ।ସେମାନେ ଭାରତରେ ତଥ୍ୟ ଡିକୋଡ୍ କରିବାରେ ଏକ ଚମତ୍କାର କାମ କରିଛନ୍ତି। ଏହା ଏକ ବଡ଼ ସଫଳତା। ପାଇଲଟ୍ ତ୍ରୁଟି ସୂଚାଉଥିବା ରିପୋର୍ଟ ପାଇଁ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଏବଂ ରଏଟର୍ସକୁ ଟାର୍ଗେଟ କରି ନାଇଡୁ କହିଛନ୍ତି, ' ଏଏଆଇବି ସମସ୍ତଙ୍କୁ, ବିଶେଷକରି ପାଶ୍ଚାତ୍ୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ, ଯେଉଁମାନଙ୍କର ପ୍ରକାଶନ କରିବାକୁ ଚେଷ୍ଟା କରୁଥିବା ଲେଖାରେ ସ୍ୱାର୍ଥ ଥାଇପାରେ ସେମାନଙ୍କୁ ଏକ ଆବେଦନ କରିଛି'। ଚୂଡ଼ାନ୍ତ ରିପୋର୍ଟ ପ୍ରକାଶିତ ହେବା ପୂର୍ବରୁ ଭିତ୍ତିହୀନ ଅଭିଯୋଗ ବିରୋଧରେ ନାଇଡୁ ଚେତାବନୀ ଦେଇ କହିଛନ୍ତି, ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ କୌଣସି ମତାମତ ଦେବା କାହାରି ପକ୍ଷରୁ ଭଲ ଅଭ୍ୟାସ ନୁହେଁ। ଆମେ ସତର୍କ ଅଛୁ। ଘଟଣା ଏବଂ ତଦନ୍ତ ସମ୍ପର୍କରେ ଆମକୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଚୂଡ଼ାନ୍ତ ରିପୋର୍ଟ ପୂର୍ବରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଅପରିପକ୍ୱ ଏବଂ ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବୟ ପୂର୍ବରୁ ତଥ୍ୟ ବାହାର କରିବା ପାଇଁ ସର୍ବଦା ବ୍ଲାକ୍ ବକ୍ସ ବିଦେଶକୁ ପଠାଯାଉଥିଲା। ପ୍ରଥମ ଥର ପାଇଁ ଭାରତରେ ତଥ୍ୟ ଡିକୋଡ୍ କରାଯାଇଥିବା ସେ କହିଛନ୍ତିୟ ପ୍ରାଥମିକ ତଦନ୍ତ ରିପୋର୍ଟରେ, ଏଏଆଇବି ଏକ କକପିଟ୍ ରେକର୍ଡିଂ ପ୍ରକାଶ କରିଛି ଯେଉଁଥିରେ ଜଣେ ପାଇଲଟ୍ ପଚାରୁଥିବାର ଶୁଣାଯାଉଛି, 'ତୁମେ କାହିଁକି ଇନ୍ଧନ କାଟିଦେଲ ?' ଅନ୍ୟ ପାଇଲଟ୍ ଉତ୍ତର ଦେଇଥିଲେ, ମୁଁ ଏପରି କରିନାହିଁ।

## 'ଅପରେସନ ସିନ୍ଦୂର' ବେଳେ ଯବାନଙ୍କୁ କରୁଥିଲେ ସାହାଯ୍ୟ

# ଏବେ ଇଣ୍ଡିଆନ ଆର୍ମି କଲା ସମ୍ମାନିତ

ଚଣ୍ଡିଗଡ(ମହାଭାରତ): ପଞ୍ଜାବର ଜଣେ କୁନି ପିଲା ଶ୍ରବଣ ସିଂହଙ୍କୁ ଭାରତୀୟ ସେନା କରିଛି ସାଲ୍ୟୁଟ୍। ତାଙ୍କୁ କରିଛି ସମ୍ମାନିତ। ଆପଣ ନିଶ୍ଚୟ ଭାବୁ ଥିବେ , କେଉଁଥି ପାଇଁ। ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ହମଲା ପରେ, ଭାରତୀୟ ସେନା ପାକିସ୍ତାନ ବିରୁଦ୍ଧରେ ଆରମ୍ଭ କରିଥିଲା ଅପରେସନ ସିନ୍ଦୂର। ଏତିକି ବେଳେ ଫିରୋଜପୁରରେ ମୁତୟନ ସେନା ଯବାନଙ୍କୁ ଚା, ପାଣି, ବରଫ , କ୍ଷୀର ଓ ଲସି ଭଳି ଜିନିଷ ପହଞ୍ଚାଇ ଥିଲେ ଏହି କୁନି ପିଲା ଶ୍ରବଣ ସିଂହ। ଖାଲି ଏତିକି ନୁହେଁ , ଏବେ ଭାରତୀୟ ସେନାର ଗୋଲଡେନ ଏରୋ ଡିଭିଜନ ରିଟର୍ନ ଗିଫ୍ଟ ସ୍ୱରୂପ ଏହି ସାହାସୀ ପିଲାଙ୍କୁ ଶ୍ରବଣଙ୍କର ପାଠପଢା ଖର୍ଚ୍ଚ ବହନ କରିବାକୁ କଥା ଦେଇଛି। ଆଜି ଫିରୋଜପୁର କ୍ୟା□ନମେ□ରେ ଆୟୋଜିତ ଏକ ସମାରୋହରେ ୱେଷ୍ଟର୍ଣ୍ଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ - ଇନ-ଚିଫ୍ ଲେଫ୍ଟେନାଣ୍ଟ ଜେନେରାଲ ମନୋଜ କୁମାର କଟିୟାର ଏହି ଘୋଷଣା କରିଛନ୍ତି। ଏହି ସମୟରେ ସେ କୁନି ଶ୍ରବଣଙ୍କୁ ସମ୍ମାନିତ ମଧ୍ୟ କରିଛନ୍ତି। ସେ କହିଛନ୍ତି ଶ୍ରବଣଙ୍କର ଏହି କାହାଣୀ ଦେଶରେ ଥିବା ସେହି ନୀରବ ନାୟକଙ୍କ କଥା ମନେପକାଉଛି , ଯେଉଁମାନେ ମାନ୍ୟତା ଓ ସମର୍ଥନ ପାଇଁ ଯୋଗ୍ୟ। ଫିରୋଜପୁର ଜିଲ୍ଲାର ମମଡୋଟ ଅଞ୍ଚଳର ତାରା ୱାଲି ଗାଁର ବାସିନ୍ଦା ଶ୍ରବଣ ଚତୁର୍ଥ ଶ୍ରେଣୀରେ ପଢନ୍ତି। ତାରା ୱାଲି ଗାଁ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାଠାରୁ ଦୁଇ କିଲୋମିଟର ଦୂରରେ । ମେ ମାସରେ ଅପରେସନ ସିନ୍ଦୂର ସମୟରେ ସଂପୃକ୍ତ ଅଞ୍ଚଳରେ ଉ□ଜନା ଶୀର୍ଷରେ ଥିଲା , ଗରମ ମଧ୍ୟ ଭୀଷଣ ହେଉଥିଲା। ଗାଁରେ ଭାରତୀୟ ସେନାର ଯବାନ ପାକିସ୍ତାନୀ ସେନାକୁ ଦୃଢ ଜବାବ ଦେଉଥିଲେ। ଏହି ମାହୋଲରେ



ଏକ ଛୋଟ ପିଲା ଶ୍ରବଣ ସିଂହ ପ୍ରତିଦିନ ନିଜର ଛୋଟ ଛୋଟ ହାତରେ କ୍ଷୀର , ଲସି , ଥଣ୍ଡା ପାଣି ଓ ବରଫ ନେଇ ଯବାନଙ୍କ ପାଖରେ ପହଞ୍ଚି ଯାଉଥିଲେ। ଚତୁର୍ଥ ଶ୍ରେଣୀରେ ପଢୁଥିବା ଶ୍ରବଣ ନିଜ ଇଚ୍ଛାରେ ସୈନିକଙ୍କ ପାଇଁ ପାଇଁ ଏସବୁ କରୁଥିଲେ। ତାଙ୍କୁ ଏହା କରିବାକୁ କେହି କହି ନଥିଲେ। ଉତ୍ତେଜନାପୂର୍ଣ୍ଣ ସ୍ଥିତି ଓ ଗୁଳିର ଗୁଞ୍ଜରଣ ସ□ତ୍ତ୍ୱେ ତାଙ୍କର ସାହସ ଓ ସମର୍ପଣ ଦୋହଲି ଯାଇନଥିଲା। ତାଙ୍କର ପିତା ସୋନା ସିଂହ କୁହନ୍ତି ପ୍ରଥମ ଦିନରୁ ହିଁ ଶ୍ରବଣ ଯବାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଥିଲେ। ଆମେ ତାକୁ ଏ କାମରେ ରୋକି ନଥିଲୁ ବରଂ ତାର ଉତ୍ସାହ ବଢାଇ ଥିଲୁ।ଶ୍ରବଣ ସିଂହଙ୍କ ସ୍ୱପ୍ନ ବଡ଼ ହୋଇ ସେନାରେ ସାମିଲ ହେବା।ମେ ମାସରେ ୭ମ ପଦାତିକ ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ ମେଜର ଜେନେରାଲ ରଣଜିତ ସିଂହ ମାନରାଲ ନିଜେ ତାଙ୍କୁ ସାର୍ବଜନିକ ଭାବେ ସମ୍ମାନିତ କରିଥିଲେ। ଏହି ସମୟରେ ତାଙ୍କୁ ତାଙ୍କର ପ୍ରିୟ ଆଇସକ୍ରିମ୍ ମଧ୍ୟ ଖୁଆଯାଇ ଥିଲା। ସେତେବେଳେ ଶ୍ରବଣ କହିଥିଲେ ମୁଁ ବଡ଼ ହୋଇ ସୈନିକ ହେବାକୁ ଚାହୁଁଛି। ମୁଁ ଦେଶ ସେବା କରିବାକୁ ଚାହୁଁଛି। ତାଙ୍କର ପିତା ସୋନା ସିଂହ କହିଥିଲେ ଯେ, ଆମକୁ ନିଜର ପୁଅ ଉପରେ ବହୁତ ଗର୍ବ ଅନୁଭବ ହେଉଛି।

## ସେନାକୁ ମିଳିବ ଆପାଚି ହେଲିକପ୍ଟର, ଯୋଧପୁରରେ ସାମିଲ ହେବ



ନୂଆଦିଲ୍ଲୀ: ୧୫ ମାସର ବିଳମ୍ବ ପରେ ଭାରତୀୟ ସେନାକୁ ଶେଷରେ ବହୁ ପ୍ରତୀକ୍ଷିତ ଆପାଚି ହେଲିକପ୍ଟର ମିଳିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୨ ତାରିଖରେ ୩ଟି ଆପାଚି ହେଲିକପ୍ଟର ଭାରତୀୟ ସେନାର ଏଭିଏସନ କର୍ପସକୁ ହସ୍ତାନ୍ତର କରାଯିବ। ରବିବାର ଏବଂ ସୋମବାର ଏହି ହେଲିକପ୍ଟର ଯୋଧପୁରରେ ପହଞ୍ଚିବା ଆଶା ରହିଛ।୨୦୨୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତୀୟ ସେନା ୬ଟି ଆପାଚି ହେଲିକପ୍ଟର ଆଣିବା ପାଇଁ ୬୦୦ ନିୟୁତ ଡଲାରର ରାଜିନାମା ସ୍ୱାକ୍ଷର କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୪ ମେ ଏବଂ ଜୁନ୍ ମାସରେ ଏହା ଭାରତୀୟ ସେନାକୁ ମିଳିବ ବୋଲି ଆଶା ରଖାଯାଇଥିଲା। କିନ୍ତୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ସହିତ ଅନ୍ୟାନ୍ୟ ଅସୁବିଧା କାରଣରୁ ଏହା ମିଳିବା ବିଳମ୍ବ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ଡିସେମ୍ବରକୁ ଏହି ସମୟସୀମା ଘୁଞ୍ଚିଥିଲା। ମୂଳ ଯୋଜନା ଅନୁଯାୟୀ, ଦୁଇଟି ପର୍ଯ୍ୟାୟରେ ୩ଟି ଲେଖାଏଁ ହେଲିକପ୍ଟର ଆସିବା ନେଇ ଯୋଜନା ରହିଥିଲାୟ ଦ୍ୱିତୀୟ ପର୍ଯ୍ୟାୟ ହେଲିକପ୍ଟର ଚଳିତବର୍ଷ ମିଳିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ ହେଲିକପ୍ଟର ମିଳିବ। ବର୍ଷ ଶେଷ ଆଡ଼କୁ ଦ୍ୱିତୀୟ ପର୍ଯ୍ୟାୟ ଆପାଚି ହେଲିକପ୍ଟର ମିଳିବା ଆଶା ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚରେ ସ୍ଥଳ ସେନା ପକ୍ଷରୁ ଯୋଧପୁରର ନାଗତାଲାଓଠାରେ ପ୍ରଥମ ଆପାଚି ସ୍କ୍ୱାଡ୍ରନ ସ୍ଥାପନ କରାଯାଇଛି। ପାଇଲଟ୍ ଏବଂ ଗ୍ରାଉଣ୍ଡ ଷ୍ଟାଫ୍ମାନଙ୍କୁ ହେଲିକପ୍ଟର ଚଳନା ପାଇଁ ଆବଶ୍ୟକ ତାଲିମ ଏଠାରେ ପ୍ରଦାନ କରାଯାଇଛି। କିନ୍ତୁ ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ଏହି ଲୁଆ ହେଲିକପ୍ଟର ମିଳିପାରି ନାହିଁ।ଦେଶର ପଶ୍ଚିମଭାଗରେ ବିପଦ ଥିଲେ ମଧ୍ୟ ସେନାକୁ କ୍ଷମତା ବାଢିବା କ୍ଷେତ୍ରରେ ବହୁ ବିଳମ୍ବ ହୋଇଛ। ଆପାଚି ଏଏଚ୍-୬୪ଇ ହେଲିକପ୍ଟରଗୁଡ଼ିକ ସେମାନଙ୍କ ସ୍ଫୁର୍ତ୍ତି, ଗୋଳାମାଡ଼ ଏବଂ ଅତ୍ୟାଧୁନିକ ଟାର୍ଗେଟ୍ ବ୍ୟବସ୍ଥା ପାଇଁ ବେଶ୍ ପରିଚିତ। ସେନାରେ ଏହାକୁ ସାମିଲ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବିଶେଷକରି ଅପରେସନ୍ ସିନ୍ଦୂର ପରେ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ୨୦୧୫ ମସିହାର ଏକ ରାଜିନାମା ଅନୁଯାୟୀ, ଭାରତୀୟ ବାୟୁସେନାରେ ପୂର୍ବରୁ ୨୨ଟି ଆପାଚି ହେଲିକପ୍ଟର ସାମିଲ ହୋଇ ସାରିଥିଲେ ମଧ୍ୟ ସ୍ଥଳ ସେନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସାମିଲ ହୋଇ ପାରିନାହିଁ। ଏହି ହେଲିକପ୍ଟର ଦ୍ୱାରା ସ୍ଥଳସେନାର କ୍ଷମତା ବୃଦ୍ଧି ପାଇବ।

## ଡିକେଙ୍କ ବାବଦରେ ଶୁଣି ମଞ୍ଚ ଉପରେ ଖପ୍ପା ହେଲେ ସିଦ୍ଧରମୈୟା

ବେଙ୍ଗାଲୁରୁ: କର୍ଣ୍ଣାଟକ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ବଢ଼ିବାରେ ଲାଗିଛ।ଶନିବାର ଦିନ ମହୀଶୂର ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମର ମଞ୍ଚରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନାମ ଶୁଣି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କ୍ରୋଧିତ ହୋଇ ପଡ଼ିଥିଲେ। ଡିକେ ଶିବକୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ କିନ୍ତୁ ଯେତେବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମଞ୍ଚକୁ ଆସିଲେ, ସେ ସମ୍ମାନିତ ବ୍ୟକ୍ତିମାନଙ୍କୁ ପରିଚୟ କରାଇବା ସମୟରେ ଶିବକୁମାରଙ୍କ ନାମ ନେଇ ନଥିଲେ। ତାଙ୍କୁ ପଚରାଯିବାରୁ ସେ ହଠାତ ରାଗିଗଲେ ଏବଂ କହିଲେ, ଡିକେ ଶିବକୁମାର ଏଠାରେ ନାହାନ୍ତି, ଠିକ୍ ନା? ଦୟାକରି ବସିଯାଅ। ତୁମେ କି ପ୍ରକାରର ଓକିଲ? ତାଙ୍କ ମନୋଭାବ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ତାଙ୍କ ସହିତ କ'ଣ ଘଟିଛି।ନିଜର ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଡିକେ ଶିବକୁମାର ବେଙ୍ଗାଲୁରୁ ଫେରି ଯାଇଛନ୍ତି। ମଞ୍ଚରେ ଉପସ୍ଥିତ ଲୋକଙ୍କ ନାମ ନେବାକୁ ପଡିବ, ଯେଉଁମାନେ ଚାଲିଯାଇଛନ୍ତି ସେମାନଙ୍କ ନାମ ନୁହେ। ଯେଉଁମାନେ ଅଛନ୍ତି ସେମାନଙ୍କୁ ଡାକିବା ଉଚିତ, ଘରେ ବସିଥିବା ଲୋକଙ୍କୁ ନୁହେଁ, ତୁମେ ଓକିଲମାନେ ଏହା ବୁଝିବା ଉଚିତ। ତାଙ୍କର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମୁଖ୍ୟମନ୍ତ୍ରୀ ପଦକୁ ନେଇ କର୍ଣ୍ଣାଟକ ସରକାର ମଧ୍ୟରେ ଚାଲିଥିବା ବିବାଦ ଏବଂ ଶିବକୁମାର ସିଦ୍ଧରମୈୟାଙ୍କୁ ବଦଳାଇଦେଇପାରନ୍ତି ବୋଲି ବିରୋଧୀ ବିଜେପି ଦାବି କରୁଥିବା ପୃଷ୍ଠଭୂମିରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପ୍ରତିକ୍ରିୟା ଆସିଛି। ଯଦିଓ କଂଗ୍ରେସ ହାଇକମାଣ୍ଡ ସୂଚାଇ ଦେଇଛନ୍ତି ଯେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇବାର କୌଣସି ଯୋଜନା ନାହିଁ। ସିଦ୍ଧରମୈୟା ତାଙ୍କ ଇସ୍ତଫାର କଳ୍ପନାଜଳ୍ପନାକୁ ଖାରଜ କରିଛନ୍ତି ଏବଂ ଶିବକୁମାର ସାର୍ବଜନୀନ ଭାବରେ କହିଛନ୍ତି ଯେ ସେ ତାଙ୍କୁ ସମର୍ଥନ କରିବେ, ଉଭୟଙ୍କ ମଧ୍ୟରେ ଉତ୍ତେଜନା ପ୍ରାୟତଃ ସାର୍ବଜନୀନ କାର୍ଯ୍ୟକ୍ରମରେ ସାମ୍ନାକୁ ଆସିଛି।୨୦୨୩ ମସିହାରେ ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଉତ୍ତେଜନା ଆରମ୍ଭ ହୋଇଛି, ଯେଉଁଥିରେ କଂଗ୍ରେସ ଏକ ବଡ଼ ବିଜୟ ହାସଲ କରିଥିଲା। ସେତେବେଳେ, କଂଗ୍ରେସ ବିଜୟରେ ତାଙ୍କ ଭୂମିକା ଯୋଗୁଁ ଡିକେ ଶିବକୁମାରଙ୍କୁ ଶୀର୍ଷ ପଦବୀ ପାଇଁ ଏକ ଦୃଢ଼ ଦାବିଦାର ଭାବରେ ବିବେଚନା କରାଯାଉଥିଲା।। ଶେଷରେ, କଂଗ୍ରେସ ନେତୃତ୍ୱ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇବାରେ ସଫଳ ହୋଇଥିଲେ।

## ଅପରେସନ ସିନ୍ଦୂରରେ ପାକିସ୍ତାନର କିରାନା ହିଲସ୍ କୁ ଟାର୍ଗେଟ୍ କରିଥିଲା ଭାରତ, ସାମ୍ନାକୁ ଆସିଲା ଉପଗ୍ରହ ଚିତ୍ର



ନୂଆଦିଲ୍ଲୀ : ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା କାଳରେ ପାକିସ୍ତାନର ସରଗୋଧା ଜିଲ୍ଲାରେ ଥିବା କିରାନା ହିଲସ୍ କ୍ଷେପଣାସ୍ତ୍ର ଆକ୍ରମଣର ଟାର୍ଗେଟ ହୋଇଥିଲା। କିରାନା ହିଲସ୍ ସେହି ଅଞ୍ଚଳ ଯେଉଁଠି ପାକିସ୍ତାନ ପରମାଣୁ ଅସ୍ତ୍ରଶସ୍ତ୍ର ରଖେ ବୋଲି କୁହାଯାଏ। ଜୁନ ୨୦୨୫ରେ ଗୁଗଲ ଆର୍ଥ ରୁ ନିଆଯାଇଥିବା ଛବିରେ ଅଞ୍ଚଳରେ ମିଜାଇଲ ଆକ୍ରମଣକୁ ପୁଷ୍ଟି କରିଛି। ଏହି ଛବିକୁ ସାଟେଲାଇଟ ଇମେଜରୀ ବିଶେଷଜ୍ଞ ଡେମିୟନ ସାଇମନ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଚିତ୍ରରେ ଅପରେସନ ସିନ୍ଦୂର କାଳରେ ଭାରତର ମିଜାଇଲ ଆକ୍ରମଣର ପ୍ରଭାବ ସ୍ପଷ୍ଟ ଦେଖାଯାଉଛି। ଏହା ସହିତ ସରଗୋଧା ବାୟୁସେନା ଘାଟିର ରନୱେ ମରାମତି ଛବି ମଧ୍ୟ ସ୍ପଷ୍ଟ ଦେଖାଯାଉଛି। ଉପଗ୍ରହ ଛବିରୁ ଦେଖାଯାଇଥିବା ଚିତ୍ର ବାସ୍ତବିକ୍ ଚମକାଇବା ଭଳି, କାରଣ ଭାରତୀୟ ବାୟୁସେନା ଅପରେସନର ସୂଚନା ଦେବା ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କିରାନା ହିଲସ୍ ସ୍ଥିତ ପରମାଣୁ ପ୍ରତିଷ୍ଠାନକୁ ଟାର୍ଗେଟ କରାଯିବା କଥା ସାର୍ବଜନିକ ରୂପେ ଅସ୍ୱୀକାର କରିଥିଲା। ତେବେ ସାଇମନ ଦୁଇଟି ଛବି ସେୟାର କରି ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମ ଛବି ସମ୍ପର୍କରେ ସେ ଲେଖିଛନ୍ତି ଯେ ମେ ୨୦୨୫ରେ କିରାନା ହିଲସ୍ ଉପରେ ଭାରତୀୟ ଆକ୍ରମଣରେ ପ୍ରଭାବିତ ସ୍ଥାନ। ଏଥିରେ ଜନୈକ ୟୁଜର ପ୍ରଶ୍ନରେ ପଚାରିଛନ୍ତି ଯେ ଭାରତୀୟ ମିଜାଇଲର ଆକ୍ରମଣ ସୁଡଙ୍ଗର ଗଭୀରତାରେ ହୋଇଥିବାର କୌଣସି ସୂଚନା ମିଳୁଛି କି? ଏହାର ଜବାବରେ ସାଇମନ କହିଛନ୍ତି ନା ଏହା ଓ ପୂର୍ବ ଛବିରୁ କୌଣସି ଭୂମିଗତ ପ୍ରଭାବ ଅଥବା ଅନୁପ୍ରବେଶର ସଂକେତ ମିଳୁ ନାହିଁ। ସେ ଲେଖିଛନ୍ତି ଯେ ଏହା ଏକ ପାହାଡ ଓ ଏହାର ପାଖଆଖରେ କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନାହିଁ। ଏଣୁ ଭାରତ ପକ୍ଷରୁ ଏହା ଏକ ଚେତାବନୀ ଆକ୍ରମଣ ହୋଇଥାଇପାରେ।

## 'ଡନ୍'ର ନିର୍ଦ୍ଦେଶକ ଚନ୍ଦ୍ର ବାରୋଙ୍କ ପରଲୋକ



ମୁମ୍ବାଇ: ଅଭିନେତା ଅମିତାଭ ବଚ୍ଚନ ଓ ଅଭିନେତ୍ରୀ ଜିନ୍ନତ ଅମନ୍ଙ୍କ (୮୬)ଙ୍କ ଦେହାନ୍ତ ଘଟିଛି। ସେ ଦୀର୍ଘ ଦିନ ଧରି ଫୁସଫୁସ୍ ରୋଗରେ ପୀଡ଼ିତ ଥିଲେୟ ଚନ୍ଦ୍ରଙ୍କ ପତ୍ନୀ ଦୀପାଙ୍କ ସୂଚନାନୁସାରେ, ଗତ ୭ ବର୍ଷ ଧରି ସେ ପଲମୋନାରି ଫାଇବ୍ରୋସିସ୍ରେ ପୀଡ଼ିତ ଥିଲେ। ତାଙ୍କୁ ପ୍ରଥମେ ଯଶଲୋକ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ନସୁଧୁରିବାରୁ ଡାକ୍ତର ମନୀଷ ସେଟ୍ଟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁ ନାନକ ହସ୍ପିଟାଲ୍ରେ ତାଙ୍କର ଚିକିତ୍ସା କରାଯାଉଥିଲା।ସୂଚନାଯୋଗ୍ୟ, ଚନ୍ଦ୍ର ବାରୋତ ତାଞ୍ଜାନିଆରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ଏକ ବ୍ୟାଙ୍କ କର୍ମଚାରୀ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ପରେ ସୁନାମଧନ୍ୟ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରାୟୋଜକ ମନୋଜ କୁମାରଙ୍କ ପ୍ରେରଣାରେ ସେ ଭାରତ ଆସି ବଲିଉଡ୍ରେ ଯୋଗ ଦେଇଥିଲେ। ଡନର ନିର୍ଦ୍ଦେଶନା ସହ ଚନ୍ଦ୍ର ଏକାଧିକ ହିଟ୍ ଚଳଚ୍ଚିତ୍ର ପୂରବ ଔର ପଶ୍ଚିମ, ୟାଦଗାର, ଶୋର, ରୋଟି କପଡ଼ା ଔର ମକାନ୍ ଆଦି ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି।

## ଚୀନ ମୁହାଁଇଛି ଟାଇଫୁନ 'ୱିଫା', ହଂକଂରେ ୪୦୦ରୁ ଅଧିକ ଉଡାଣ ରଦ୍ଦ

ନୂଆଦିଲ୍ଲୀ : ଟାଇଫୁନ ୱିଫା କାରଣରୁ ରବିବାର ହଂକଂ ଓ ଚୀନର କେତେକ ବିମାନ ବନ୍ଦରରୁ ଉଡାଣ ସେବା ପ୍ରଭାବିତ ହୋଇଛି। ୱିଫା ଏବେ ଦକ୍ଷିଣ ଉପକୂଳରୁ ପଶ୍ଚିମ ଆଡ଼କୁ ମୁହାଁଇଛି। ଫଳରେ ହଂକଂ, ସେଞ୍ଜେନ, ଝୁହାଇ ଓ ମକାଉ ବିମାନ ବନ୍ଦର ୱେବସାଇଟ୍ ଅନୁସାରେ ଦିନର ଅଧିକାଂଶ ସମୟ ଲାଗି ଉଡାଣ ରଦ୍ଦ ଅଥବା ବାଧିତ ରହିବ ବୋଲି ଘୋଷଣା କରାଯାଇଛି। ପ୍ରସାରଣ କର୍ତ୍ତା ଆରଟିଏଚ୍ ଅନୁସାରେ ହଂକଂରେ ଅନୁନ୍ୟ ୪୦୦ ଉଡାଣ ରଦ୍ଦ ହୋଇଛି। ଉଡାଣ ରଦ୍ଦ ହେବା ଯୋଗୁ ୮୦ ହଜାରରୁ



ଅଧିକ ଯାତ୍ରୀ ପ୍ରଭାବିତ ହୋଇଛନ୍ତି। କେବଳ ବିମାନ ସେବା ନୁହେଁ ଚୀନ୍ରେ କେତେକ ହାଇସ୍ପିଡ୍ ଟ୍ରେନ ସେବା ମଧ୍ୟ ରଦ୍ଦ କରିଦିଆଯାଇଛି। ଏହା ପୂର୍ବରୁ ହଂକଂ ଅବଜରଭେଟରୀ ଟାଇଫୁନ ସଂକେତ ସଂଖ୍ୟା ୧୦ ଜାରି କରିଛି, ଯାହା ଏହାର ସର୍ବୋଚ୍ଚ ଚେତାବନୀ ବୋଲି ଜଣାପଡିଛି। ଅବଜରଭେଟରୀ ଅନୁସାରେ ଟାଇଫୁନ ମଧ୍ୟାହ୍ନରେ ସହରର ଦକ୍ଷିଣ ଦିଗ ଦେଇ ଅତିକ୍ରମ କରିଛି।ଏହି ସମୟରେ ପବନର ବେଗ ଘ□ାପ୍ରତି ପ୍ରାୟ ୧୪୦ କିଲୋମିଟରରୁ ଅଧିକ ଥିଲା। ଭୀଷଣ ଝଡ଼ ତୋଫାନ ଯୋଗୁ ହଂକଂରେ ଗଛ ଭାଙ୍ଗିପଡିବା ସମ୍ପର୍କିତ ୪୫୦ରୁ ଅଧିକ ଅଭିଯୋଗ ରୁଜୁ ହୋଇଛି। ତେବେ ସାମୁଦ୍ରିକ ବାତ୍ୟା ଯୋଗୁ କୌଣସି ଠାରେ କେହି ହତାହତ ହୋଇଥିବାର ସୂଚନା ନାହିଁୟ ୱିଫା ଯୋଗୁ ହଂକଂରେ ଡିଜନୀ ଲ୍ୟାଣ୍ଡ ଓ ଅନ୍ୟ ମନୋରଞ୍ଜନ ପାର୍କ ବନ୍ଦ କରିଦିଆଯାଇଛି। ଏହି ଟାଇଫୁନର ନାମ ୱିଫା ଥାଇଲ୍ୟାଣ୍ଡ ରଖିଛି। ଶନିବାର ଏହା ଫିଲିପାଇନ୍ସ ଓ ତାଇୱାନ ଅତିକ୍ରମ କରିଥିଲାୟ ପଶ୍ଚିମ ପ୍ରଶାନ୍ତ କ୍ଷେତ୍ରରେ ଉଠୁଥିବା ସାମୁଦ୍ରିକ ଝଡ଼ର ନାମ ସେହି କ୍ଷେତ୍ରର ଦେଶମାନେ ବାଛିଥାନ୍ତି। ୱିଫା ଫିଲିପାଇନ୍ସ ଅତିକ୍ରମ କରିବା ବେଳେ ନର୍ଥ କାଗାୟାନରେ ବନ୍ୟାରେ ଭାସି ଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଦେଶରେ ୪୩ ହଜାରରୁ ଅଧିକ ଲୋକେ ବନ୍ୟା ଓ ଭୂ-ସ୍ଖଳନ କାରଣରୁ ସରକାରୀ ରିଲିଫ ସେ□ରମାନଙ୍କରେ ଶରଣ ନେଇଛନ୍ତି।

## ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ମଧ୍ୟରେ ଇଟାଲିକୁ ପଛରେ ପକାଇଲା ଭାରତର ଜୟପୁର

ନୂଆଦିଲ୍ଲୀ: ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ମଧ୍ୟରେ ଇଟାଲିକୁ ପଛରେ ପକାଇଲା ଭାରତ। ଦେଶର ଜୟପୁର ସହର ପର୍ଯ୍ୟଟକଙ୍କ ଆଗମନରେ ଇଟାଲି ଲୋକପ୍ରିୟ ସହର ଫ୍ଲୋରେନ୍ସକୁ ପଛରେ ପକାଇ ଦେଇଛି। ବିଶ୍ୱସ୍ତରୀୟ ଭ୍ରମଣ ପ୍ରକାଶନ ଟ୍ରାଭେଲ୍ + ଲିଜର୍ ଦ୍ୱାରା କରାଯାଇଥିବା ବିଶ୍ୱର ଶ୍ରେଷ୍ଠ ପୁରସ୍କାର ୨୦୨୫ ସର୍ଭେରେ ରାଜସ୍ଥାନର ରାଜଧାନୀ ଜୟପୁର ଇଟାଲୀର ଫ୍ଲୋରେନ୍ସ ଠାରୁ ଆଗରେ ରହିଛି।ଜୟପୁର ଭ୍ରମଣ, ସଂସ୍କୃତି ଏବଂ ସାମଗ୍ରିକ ପରିଦର୍ଶକ ଅଭିଜ୍ଞତା ପାଇଁ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ସହର ମଧ୍ୟରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ପର୍ଯ୍ୟଟକ ଜୟପୁର ସହରକୁ ବହୁଳମାତ୍ରାରେ ଭୋଟ ଦେଇଛନ୍ତି। ଫଳରେ ଭାରତର ଏହି ସହର ଏକାଧିକ ବିକାଶିତ ଦେଶର ପ୍ରତିଷ୍ଠିତ ସହରକୁ ପଛରେ ପକାଇଛି।ଗୋଲାପୀ ସହର ଭାବରେ ଜଣାଶୁଣା ଜୟପୁର, ଏହି ସର୍ଭେରେ ୯୧.୩୩ ସ୍କୋର ସହିତ ତାଲିକାରେ ୫ମ ସ୍ଥାନରେ ଅଛି। ଫ୍ଲୋରେନ୍ସ ୯୦.୦୮ ସ୍କୋର ସହିତ ୧୧ତମ ସ୍ଥାନରେ ଅଛି। ଟ୍ରାଭେଲ୍ + ଲେଜର୍ ଜୟପୁରକୁ ଏକ ପରିଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ବର୍ଣ୍ଣନା କରିଛି, ଏହାର ବିଳାସପୂର୍ଣ୍ଣ ହୋଟେଲ, ବିଶ୍ୱସ୍ତରୀୟ ସପିଂ ଏବଂ ସ୍ପନ୍ଦନଶୀଳ ସାଂସ୍କୃତିକ ଐତିହ୍ୟର ପ୍ରଶଂସା କରିଛି।ଏହି ତାଲିକାର ଶୀର୍ଷରେ ରହିଛି ମେକ୍ସିକୋର ସାନ ମିଗୁଏଲ ଡି ଆଲେଣ୍ଡେ ସହର। ଏହି ସହର ଏହାର ଅନନ୍ୟ ସାଂସ୍କୃତିକ ପରିବେଶ ଏବଂ ସୁଲଭତା ପାଇଁ ପରିଚିତ। ପବ୍ଲିକେସନର ସର୍ଭେ ଅନୁଯାୟୀ, ଭୋଟରମାନେ ଏହି ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ସଂଗ୍ରହାଳୟ, ଉଦ୍ଭିଦ ଉଦ୍ୟାନ ଏବଂ ବୁଟିକ୍ ଦୋକାନ ଭଳି ଆକର୍ଷଣଗୁଡ଼ିକୁ ପସନ୍ଦ କରିଥିଲେ। ଅନେକ ଲୋକ ସହରର



ସ୍ପନ୍ଦନଶୀଳ କଳା ଦୃଶ୍ୟ ଏବଂ ସାନ ମିଗୁଏଲ ଲେଖକ ସମ୍ମିଳନୀ ଏବଂ ସାହିତ୍ୟ ମହୋତ୍ସବ ସମେତ ଏଭଳି ବାର୍ଷିକ କାର୍ଯ୍ୟକ୍ରମରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ସହର ତାଲିକାରେ ଶୀର୍ଷରେ ରହିବା ଆବଶ୍ୟକ ବୋଲି ଭୋଟରମାନେ ମତ ଦେଇଥିଲେ। ଥାଇଲ୍ୟାଣ୍ଡର ଐତିହାସିକ ଉତ୍ତର ସହର ଚିଆଙ୍ଗ ମାଇ ୯୧.୯୪ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସହର ସାଂସ୍କୃତିକ ସ୍ଥାନ, ଦୋକାନ ବଜାର, ଖାଦ୍ୟପେୟ ଏବଂ ପ୍ରକୃତିର ଅଦ୍ଭୁତ ମିଶ୍ରଣ ପାଇଁ ଜଣାଶୁଣା। ଚିଆଙ୍ଗ ମାଇର ଉତ୍କୃଷ୍ଟ ବିଳାସପୂର୍ଣ୍ଣ ହୋଟେଲଗୁଡ଼ିକ ଭୋଟରମାନଙ୍କ ମଧ୍ୟରେ ଏହାର ମୂଲ୍ୟାଙ୍କନ ଜାରି ରଖିବାର ଆଉ ଏକ କାରଣ।

# ଓଲ୍ଡ ଟ୍ରାଫୋର୍ଡରେ ନୂଆ ଲକ୍ଷ୍ୟ

## ବଡ଼ ରେକର୍ଡ ଦ୍ୱାରରେ ରୁଟ୍

ମାଞ୍ଚେଷ୍ଟର୍: ଚଳିତ ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳ ଅଳ୍ପକେ ଲର୍ଡସ ଟେଷ୍ଟ୍‌କୁ ହାରିଥିଲା ଏହା ପୂର୍ବରୁ ବର୍ମିଂହାମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ କିନ୍ତୁ ଇତିହାସ ରଚିଥିଲା ବର୍ମିଂହାମର ଏଜ୍‌ବାଷ୍ଟନ୍ ଷ୍ଟାଡିୟମ୍‌ରେ ଚଳିତ ଗସ୍ତ ପୂର୍ବରୁ କେବେବି ବିଜୟୀ ହୋଇ ନଥିଲା ଭାରତ ଏଥର ଟିମ୍ ଇଣ୍ଡିଆ। ସେଠାରେ ବିଜୟ ବାନା ଉଡ଼ାଇବାର ଐତିହାସିକ ସଫଳତା ଲାଭ କରିଥିଲା ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ପୂର୍ବରୁ ଭାରତ କେବେବି ଜିତିନି ଏହି ଷ୍ଟାଡିୟମ୍ ମଧ୍ୟ ଭାରତ ପାଇଁ ଏବେବି ଅଭେଦ୍ୟ ଦୁର୍ଗ ହୋଇ ରହିଛି ଏଣୁ ଆସନ୍ତା ୨୩ ତାରିଖରୁ ଏଠାରେ ଖେଳାଯିବାକୁ ଥିବା ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାର ଚତୁର୍ଥ ଟେଷ୍ଟ୍‌ରେ ଗିଲ୍ ବାହିନୀ ପାଖରେ ଆଉ ଏକ ନୂଆ। ରେକର୍ଡ କରିବାର ସୁଯୋଗ ରହିବ କେବଳ ନୂଆ। ରେକର୍ଡର ସସ୍ଯୋଗ ରହିବିନି, ୧-୨ରେ ପଛୁଆ। ଥିବା ଭାରତ ପାଇଁ ଶୃଙ୍ଖଳା ବଞ୍ଚାଇବା ଲାଗି ମଧ୍ୟ ଏହା ଶେଷ ସୁଯୋଗ ହେବ ।



ପରିସଂଖ୍ୟାନ ଅନୁସାରେ ଓଲ୍ଡ ଟ୍ରାଫୋର୍ଡରେ ଭାରତ ଆଜି ପର୍ଯ୍ୟନ୍ତ ୯ଟି ଟେଷ୍ଟ୍ ଖେଳିଛି ସେଥିମଧ୍ୟରୁ ଇଂଲଣ୍ଡ ୪ଟି ମ୍ୟାଚ୍ ଜିତିଥିଲା ବେଳେ ଭାରତ ଭାଗ୍ୟରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିବାର ସୁଯୋଗ ଜୁଟିନି ଅନ୍ୟ ପାଞ୍ଚଟି ମ୍ୟାଚ୍‌କୁ ଅବଶ୍ୟ ଭାରତୀୟ କ୍ରିକେଟ୍ ଦଳ ଅମୀମାଂସିତ ରଖିବାକୁ ସକ୍ଷମ ହୋଇଛି ଭାରତ ଏଠାରେ ପ୍ରଥମ ଟେଷ୍ଟ୍ ୧୯୩୬ ମସିହାରେ ବିଜୟନଗରମ୍ ମହାରାଜାଙ୍କ ନେତୃତ୍ୱରେ ଖେଳିଥିଲା ସେବେଠାରୁ ଏଠାରୁ ଜିତିବା ଭାରତ ପାଇଁ ସ୍ୱପ୍ନ ହୋଇ ରହିଛି।



ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର ରୁବେନ ଆମୋରିନ୍‌ଙ୍କ ଏକ ଖୁସିର ମୁହୂର୍ତ୍ତରେ ଭାରତୀୟ କ୍ରିକେଟ ଦଳର କୋଚ୍ ଗମ୍ଭୀର।

# ଭାରତର ଚିନ୍ତା ବଢାଇଲା ଆକାଶ ଦୀପଙ୍କ ଆହତ ସମସ୍ୟା

ନୂଆଦିଲ୍ଲୀ: ମାଞ୍ଚେଷ୍ଟରରେ ଚତୁର୍ଥ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ବଡ଼ ଝଟକା ଏବେ ଖେଳାଳିଙ୍କ ଆହତ ତାଲିକାରେ ଯୋଡ଼ି ହୋଇ ଯାଇଛି ଆଉ ଏକ ମ୍ୟାଚ୍ ୱିନିଂ ବୋଲରଙ୍କ ନାଁ ଋଷଭ ପନ୍ତ, ଅର୍ଶଦୀପଙ୍କ ପରେ ଏବେ ଆକାଶ ଦୀପଙ୍କ ଆହତ ଭାରତୀୟ ଦଳର ମୁସ୍କିଲ ବଢାଇ ଦେଇଛି ଅର୍ଶଦୀପଙ୍କ ପରେ ଏବେ ଆକାଶଦୀପ ମଧ୍ୟ ମାଞ୍ଚେଷ୍ଟର ଟେଷ୍ଟରୁ ବାଦ୍ ପଡ଼ିବାର ଦ୍ୱାର ଦେଶରେ ପହଞ୍ଚି ଯାଇଛନ୍ତି ଭାରତୀୟ ଦଳ। ଲର୍ଡ୍ସ ଟେଷ୍ଟରେ ୨୨ ରନରେ ହାରିବା ପରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୨ରେ ପଛୁଆ। ରହିଛି ସିରିଜ୍‌କୁ ବରାବର କରିବା ପାଇଁ ଭାରତୀୟ ଦଳକୁ ମାଞ୍ଚେଷ୍ଟର ଟେଷ୍ଟ ଜିତିବା ଜରୁରୀ ମାତ୍ର ଏହି ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଆହତ ସମସ୍ୟା ଭାରତକୁ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ପାଇଁ ବିବଶ କରି ଦେଇଛି।



ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳିଥିବା ଆକାଶ ଦୀପଙ୍କ ଗ୍ରୋଇନରେ ଆହତ ସସମ୍ୟା ଦେଖା ଦେଇଛି ଲର୍ଡ୍ସ ଟେଷ୍ଟ ଖେଳିବା ସମୟରେ ଆକାଶ ଦୀପଙ୍କୁ ପିଠିରେ ସମସ୍ୟା ଦେଖା ଦେଇଥିଲା ସେ ମ୍ୟାଚ୍‌ର ଚତୁର୍ଥ ଦିନରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୃତୀୟ ଟେଷ୍ଟରେ ଆକାଶ ଦୀପ ମାତ୍ର ଗୋଟିଏ ୱିକେଟ୍ ହାସଲ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଜୁଲାଇ ୨୩ରେ ହେବାକୁ ଥିବା ଚତୁର୍ଥ ଟେଷ୍ଟ ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ନାହାନ୍ତି ତାଙ୍କ ଆହତ ସମସ୍ୟା ଭାରତର ମୁସ୍କିଲ ବଢାଇ ଦେଇଛି। କାରଣ ଏହା ପୂର୍ବରୁ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ବାମ ହାତରେ ଆଘାତ ଲାଗିଛି। ଏହି ଦୁଇ ବୋଲରଙ୍କ ବ୍ୟତୀତ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ମଧ୍ୟ ଆହତ ଅଛନ୍ତି ୱିକେଟ୍ କିପର ବ୍ୟାଟର ଭାବେ ତାଙ୍କର ଖେଳିବା ନେଇ ସଂଶୟ ରହିଛି ।

ଆକାଶ ଦୀପ ଓ ଅର୍ଶଦୀପ ଆହତ ହେବା ପରେ ଯଶପ୍ରୀତ ବୁମରାଙ୍କ ଖେଳିବା ନିଶ୍ଚିତ ଲାଗୁଛି କାରଣ ଦଳ ପାଖରେ ଆଉ ଅଧିକ ବିକଳ୍ପ ନାହିଁ ସେପଟେ ପ୍ରସିଦ୍ଧ କୃଷ୍ଣ ବହୁତ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ତାଙ୍କୁ ତୃତୀୟ ଟେଷ୍ଟରେ ବାଦ୍ ଦିଆଯାଇଥିଲା ତେବେ ଦଳର ଆହତ ବୋଲରଙ୍କ ସଂଖ୍ୟା ବଢିବା କାରଣରୁ ଆକାଶ ଦୀପ ଓ ଅର୍ଶଦୀପ ସିଂଙ୍କ କଭର ଖେଳାଳି ଭାବେ ଦ୍ରୁତ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି ।

# ଭାରତ-ପାକିସ୍ତାନ ମ୍ୟାଚ୍ ବାତିଲ, କ୍ଷମା ପ୍ରାର୍ଥନା କଲା ଆୟୋଜକ

ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ବିଶ୍ ଋମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ମ୍ୟାଚ୍ ବାତିଲ ଭାରତୀୟ ଖେଳାଳିମାନେ ସେମାନଙ୍କ ନାମ ପ୍ରତ୍ୟାହାର କରିବା ପରେ ଆୟୋଜକମାନେ ଏହି ନିଷ୍ପତ୍ତି ନେଇଛନ୍ତି ମଧ୍ୟ ଏହି ସମ୍ପର୍କରେ ଏକ ବିବୃତ୍ତି ଦେଇଛି ଭାରତୀୟ ପ୍ରଶଂସକମାନେ ଏହି ମ୍ୟାଚ୍ ଆୟୋଜନକୁ ନେଇ ବହୁତ କ୍ରୋଧିତ ଥିଲେ। କେବଳ ଏତିକି ନୁହେଁ, ଶିଖର ଧାନ, ସୁରେଶ ରାଇନା ଏବଂ ହରଭଜନ ସିଂହଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ଏହି ମ୍ୟାଚ୍ ବର୍ଜନ କରିଥିବା ରିପୋର୍ଟ ମଧ୍ୟ ଆସିଥିଲା।

ପହଲଗାମ୍ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ସୁରେଶ ରାଇନା, ଶିଖର ଧାନ ଏବଂ ହରଭଜନ ସିଂହ ଏହି ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିଲେ ତଥାପି, ଭାରତ-ପାକିସ୍ତାନ ମ୍ୟାଚ୍ ନେଇ ସୋସିଆଲ ମିଡିଆରେ ବହୁତ କ୍ରୋଧ ପ୍ରକାଶ ପାଉଥିଲା ଶେଷରେ ଆୟୋଜକମାନେ ଏହାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ ଏହି ଟୁର୍ଣ୍ଣାମେଣ୍ଟରେ ଯୁବରାଜ ସିଂହଙ୍କ ନେତୃାଧୀନ ଦଳର ଏହା ପ୍ରଥମ ମ୍ୟାଚ୍ ଥିଲା ଭାରତୀୟ ଦଳରେ ଶିଖର ଧାୱନ, ସୁରେଶ ରାଇନା, ରବିନ ଉଥାପ୍ପା ଏବଂ ଅମ୍ବାତି ରାୟୁଡୁଙ୍କ ଭଳି ବ୍ୟାଟର୍ ଅଛନ୍ତି।

ଡବ୍ଲୁସିଏଲ୍ ଏକ ବିବୃତ୍ତିରେ କହିଛି ଯେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଭଲିବଲ୍ ମ୍ୟାଚ୍ ପରେ ଭାରତ-ପାକିସ୍ତାନ ମ୍ୟାଚ୍ ସ୍ଥିର କରାଯାଇଥିଲା ।ତଥାପି, ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି ଭାବନାକୁ ଆଘାତ ଦେବା ପାଇଁ ଡବ୍ଲୁସିଏଲ୍ କ୍ଷମା ପ୍ରାର୍ଥନା କରୁଛି। ଅନେକ ଅନ୍ୟ ଭାରତୀୟ ଖେଳାଳି ମଧ୍ୟ ପାକିସ୍ତାନ ସହିତ ମ୍ୟାଚ୍ ନ ଖେଳିବା ସପକ୍ଷରେ ଥିଲେ।

# ବିପଦରେ ଏସିଆ କପ ଭାଗ୍ୟ, ବୟକଟର ଧମକ ଦେଲା ବିସିସିଆଇ !

ଦୁବାଇ,୨୦।୭: ଅନିଶ୍ଚିତାରେ ଚଳିତ ବର୍ଷ ଖେଳା ଯିବାକୁ ଥିବା ଏସିଆ। କପ ଭାଗ୍ୟ କଡ଼ା ଆଭିମୁଖ୍ୟ ଦେଖାଇଛି ବିସିସିଆଇ। ଯଦି ଏସିଆନ କ୍ରିକେଟ କାଉନସିଲ(ଏସିସି)ର ବାର୍ଷିକ ସାଧାରଣ ବୈଠକ ଢାକାରେ ଅନୁଷ୍ଠିତ ହେବ, ତାହେଲେ ସମସ୍ତ ପ୍ରକାରର ପ୍ରସ୍ତାବକୁ ବିସିସିଆଇ ବୟକଟ କରିବ ବୋଲି ଖୋଲା ଧମକ ଦେଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।





୬ ଟିମକୁ ନେଇ ଟି-୨୦ ଫର୍ମାଟରେ ଖେଳା ଯିବାକୁ ଥିବା ଏସିଆ। କପର ଭବିଷ୍ୟତ ଉପରେ ଏବେ କଳା ବାଦଲ ଘୋଟେଇ ଯାଇଛି।ବାସ୍ତବରେ ଭାରତ ପାଖରେ ଏସିଆ କପ ଆୟୋଜନର ଅଧିକାରୀ ରହିଛି। ତଥାପି ଏସିସି ଏଯାଏ ମ୍ୟାଚ ସୂଚୀ କିମ୍ବା ଭେନ୍ୟୁ ଘୋଷଣା କରିନାହିଁ କୁହାଯାଉଛି ଯେ ସେପ୍ଟେମ୍ବର ମାସରେ ଏସିଆ। କପ ଖେଳାଯିବା ଯୋଜନା ରହିଛି।ଏହାପୂର୍ବରୁ ଜୁଲାଇ ୨୪ରେ ଢାକାରେ ଏସିସିର ବୈଠକ ବସିବ କିନ୍ତୁ ବାଂଲାଦେଶରେ ଏବେ ଦେଖାଯାଇଥିବା ସ୍ଥିତି ଯୋଗୁ ଭାରତ ବୈଠକରେ ଯୋଗାଦେବାକୁ ଋହୁଁନାହିଁ। ନିକଟରେ ବିସିସିଆଇ ଓ ବାଂଲାଦେଶ କ୍ରିକେଟ ବୋର୍ଡ ସହମତି ଭିତ୍ତିରେ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ବାଂଲାଦେଶ ଗସ୍ତକୁ ୨୦୨୫ ଅଗଷ୍ଟ ପରିବର୍ତ୍ତେ ୨୦୨୬ ସେପ୍ଟେମ୍ବର ଯାଏ ଘୁଞ୍ଚାଇ ଦେଇଥିଲେ।

ବର୍ତ୍ତମାନ ଏସିସିର ମୁଖ୍ୟ ଭାବେ ପିସିବି ଅଧ୍ୟକ୍ଷ ତଥା ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହଶିନ ନକଭୀ କାର୍ଯ୍ୟ କରୁଛନ୍ତି ସେ ଜାଣିଶୁଣି ଢାକାରେ ବୈଠକ କରିବାକୁ ଋହୁଁଛନ୍ତି ଓ ଭାରତ ଉପରେ ଅଯଥା ଋପ ପକାଇବାକୁ ଚେଷ୍ଟା କରୁଛନ୍ତି। ଢାକାର ସ୍ଥିତି ଠିକ ନଥିବାରୁ ବିସିସିଆଇ ପକ୍ଷରୁ ଏସିସିର ସଭାପତିଙ୍କୁ ବୈଠକର ସ୍ଥାନ ବଦଳାଇବାକୁ କହିଛନ୍ତି। ହେଲେ ଏସିସି ମୁଖ୍ୟ ନକଭୀ ଏହାର ଜବାବ ଏଯାଏ ଦାଇ ନାହାନ୍ତି।ଏବେ ବିସିସିଆଇ ସୂତ୍ରରେ କୁହାଯାଇଛି ଯେ ଏସିଆ। କପ ସେତେବେଳେ ସମ୍ଭବ ହେବ ଯେତେବେଳେ ବୈଠକର ଭେନ୍ୟୁ ଢାକା ବଦଳରେ ଅନ୍ୟ ସ୍ଥାନକୁ ବଦଳିବ। ଏସିସି ଅଧ୍ୟକ୍ଷ ମୋହଶିନ ନକଭୀ ଭାରତ ଉପରେ ବୈଠକକୁ ନେଇ ଅଯଥା ଋପ ପକାଇବାକୁ ଚେଷ୍ଟା କରୁଛନ୍ତି ଆମେ ତାଙ୍କୁ ବୈଠକର ଭେନ୍ୟୁ ବଦଳାଇବାକୁ ଅନୁରୋଧ କରିଛୁ। କିନ୍ତୁ ଏଯାଏ ଏହାର ଜବାବ ମିଳିନି ଯଦି ମୋହଶିନ ନକଭୀ ପୂର୍ବ ଭଳି ଢାକାରେ ବୈଠକ କରିବେ, ତାହେଲେ ବିସିସିଆଇ ସମସ୍ତ ପ୍ରକାରର ପ୍ରସ୍ତାବକୁ ବୟକଟ କରିବ।

ଏସିଆ। କପର ଡିଫେଣ୍ଡିଂ ଋମ୍ପିୟନ ହେଉଛି ଭାରତ ୨୦୨୩ରେ ଭାରତ ଏସିଆ। କପ ଖେଳିବାକୁ ପାକିସ୍ତାନ ଯିବାକୁ ମନା କରି ଦେଇଥିଲା। ଏଥିଯୋଗୁ ଭାରତ ତାର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାରେ ଖେଳିଥିଲା ୨୦୨୫ରେ ପାକିସ୍ତାନ ଋମ୍ପିୟନ୍ସ ଟ୍ରଫି ଆୟୋଜନ କରିଥିଲେ ହେଁ ଭାରତ ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳା ଯାଇଥିଲା।

# ମହମ୍ମଦ ଶାମିଙ୍କ ପାଇଁ ଖୋଲିଲା ପ୍ରତ୍ୟାବର୍ତ୍ତନର ଦ୍ୱାର

ନୂଆଦିଲ୍ଲୀ: ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ଆଗାମୀ ଘରୋଇ ସିଜିନ ପାଇଁ ପଶ୍ଚିମବଙ୍ଗର ୫୦ ସମ୍ଭାବିତ ଖେଳାଳିଙ୍କ ତାଲିକାରେ ସାମିଲ କରାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେଉଥିବା ଦୁଲୀପ ଟ୍ରଫିର ପୂର୍ବ ଜୋନ ପକ୍ଷରୁ ଶାମି ଖେଳି ପାରନ୍ତି। ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ପାଇଁ ମହମ୍ମଦ ଶାମିଙ୍କ ପାଇଁ ଦ୍ୱାର ଖୋଲି ଯାଇଛି। ଆଣ୍ଠୁ ସର୍ଜରୀରୁ ସୁସ୍ଥ ହେବା ପରେ ଲମ୍ବା ଅନ୍ତରାଳ ପରେ ଶାମି ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିଲେ। ସେ ଭାରତ ପାଇଁ ଶେଷ ଥର ୨୦୨୫ ଋମ୍ପିଅନ୍ସ ଟ୍ରଫିରେ ଖେଳିଥିଲେ ।

ଋମ୍ପିଅନ୍ସ ଟ୍ରଫିରେ ଭାରତ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଋମ୍ପିଅନ ହୋଇଥିଲା ଶାମି ୫ଟି ମ୍ୟାଚ୍‌ରୁ ୯ ୱିକେଟ୍ ନେଇ ବରୁଣ ଚକ୍ରବର୍ତ୍ତୀଙ୍କ ସହ ଯୁଗ୍ମ ଭାବେ ଭାରତ ପାଇଁ ସର୍ବାଧିକ ୱିକେଟ୍ ଅକ୍ତିକାର କରିଥିଲେ। ହେଲେ ଟୁର୍ଣ୍ଣାମେଣ୍ଟରେ ସେ ସବୁଠୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ତାଙ୍କର ଇକୋନୋମି ଥିଲା ୫.୬୮ ପ୍ରତିଶତ। ଏହା ପରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ଶାମି ନୂଆ। ଦଳ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ। ତାଙ୍କ ପ୍ରଦର୍ଶନ ସେତେ ଉତ୍ସାହଜନକ ନ ଥିଲା। ସେ ୯ଟି ମ୍ୟାଚ୍‌ରେ କେବଳ ୬ ୱିକେଟ୍ ନେଇଥିଲେ। ବୋଲିଂ ଇକୋନୋମି ୧୧.୨୩ ରହିଥିଲା ତେବେ ଆଇପିଏଲ୍ ମଧ୍ୟ ଭାଗରେ ପୁଣି ଥରେ ତାଙ୍କର ଆହତ ସମସ୍ୟା ଦେଖା ଦେଇଥିଲା ।ଫଳରେ ଶାମି ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ ।

# ଆଖି ଲାଖି ଗଲା ଭଳି ଆୟ କଲା ବିସିସିଆଇ

## ସବୁଠାରୁ ଅଧିକ ଟଙ୍କା ଦେଲା ଆଇପିଏଲ୍

ନୂଆଦିଲ୍ଲୀ,୨୦।୭: ଆର୍ଥିକ ବର୍ଷ ୨୦୨୩-୨୪ରେ ବିଶ୍ୱର ସବୁଠାରୀ ଧନୀ କ୍ରିକେଟ ବୋର୍ଡ ବିସିସିଆଇ କେତେ ଟଙ୍କାର ରାଜସ୍ୱ ପାଇଛି, ତାର ତଥ୍ୟ ସାମ୍ନାକୁ ଆସିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବିସିସିଆଇ ରେକର୍ଡ ୯,୭୪୧.୭ କୋଟି ଟଙ୍କା ଆୟ କରିଛି ଏହି ଆୟରେ ସବୁଠାରୁ ବଡ଼ ଯୋଗଦାନ ଆଇପିଏଲର ରହିଛି।

ମୋଟ ଆୟର ୫୯% ଆଇପିଏଲରୁ ଆସିଛି। ବିସିସିଆଇ ୫,୭୬୧ କୋଟି ଟଙ୍କା ଆଇପିଏଲରୁ ପାଇଥିବା ବେଳେ ଅଣ ଆଇପିଏଲ ମିଡିଆ। ଅଧିକାରରୁ ଅତିରିକ୍ତ ଭାବେ ଆଉ ୩୬୧ କୋଟି ଟଙ୍କା ଆୟ କରିଛି। ବିସିସିଆଇର ଏପରି ଆଖି ଲାଖି ଗଲା ଭଳି ଆୟ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଛି।









୨୦୦୭ରୁ ଆଇପିଏଲ ଆରମ୍ଭ ହେବା ଦିନ ଠାରୁ ବିସିସିଆଇ ଆୟର ଏହା ପ୍ରମୁଖ ମାଧ୍ୟମ ସାଜିଛି ବର୍ଷ ପରେ ବର୍ଷ ବିତି ଋଲିଥିବା ବେଳେ ଆଇପିଏଲ ଯୋଗୁ ବିସିସିଆଇର ଆୟ ମଧ୍ୟ ବଢୁଛି ଆଇପିଏଲ ଯୋଗୁ ଭଲ ଭଲ ଖେଳାଳି ସାମ୍ନାକୁ ଆସୁଥିବା ବେଳେ ରଣଜୀ ଟ୍ରଫି ସମେତ ବିଭିନ୍ନ ସ୍ତରରେ ନିଜର ଦକ୍ଷତା ଦେଖାଇଥିବା ଯୁବ ଖେଳାଳି ଅଧିକ ସୁଯୋଗ ପାଉଛନ୍ତି। ୨୦୦୭ରେ ଆରମ୍ଭ ହୋଇଥିବା ଆଇପିଏଲ ଏବେ ବିଶ୍ୱର ସବୁଠାରୁ ଲୋକପ୍ରିୟ ଓ ବ୍ୟୟବହୁଳ କ୍ରିକେଟ ଲିଗରେ ପରିଣତ ହୋଇଛି ।୧୦ଟିମ ବିଶିଷ୍ଟ ଆଇପିଏଲରେ ଦୁନିଆର ଶ୍ରେଷ୍ଠ କ୍ରିକେଟରମାନେ ଭାଗ ନେଉଛନ୍ତି ।ଏଥିଯୋଗୁ ସମୟ ବିତିବା ସହ ମିଡିଆ। ଅଧିକାର ଓ ପ୍ରାୟୋଜିକ ଡିଲର ମୂଲ୍ୟ କ୍ରମାଗତ ବଢ଼ି ଋଲିଛି।

କୁହାଯାଉଛି ଯେ ଏବେ ବିସିସିଆଇ ପାଖରେ ଏବେ ୩୦ ହଜାର କୋଟି ଟଙ୍କାର ସଂରକ୍ଷଣ ପାଣ୍ଠି ରହିଛି ଏହି ସଂରକ୍ଷିତ ପାଣ୍ଠି ଯୋଗୁ ବିସିସିଆଇକୁ ପ୍ରତିବର୍ଷ ଅତିରିକ୍ତ ଭାବେ ୧ ହଜାର କୋଟି ଟଙ୍କାର ସୁଧ ବି ମିଳୁଛି।

ବିସିସିଆଇ ଆଇପିଏଲରୁ ୫ ହଜାର କୋଟିରୁ ଅଧିକ ଆୟ କରିଥିବା ବେଳେ ଅଣ ଆଇପିଏଲ ମ୍ୟାଚ୍‌ରୁ ୩୬୧ କୋଟି ଟଙ୍କା ପାଇଛି ଏହା ମଧ୍ୟ ଅନ୍ତର୍ଜାତୀୟ ମ୍ୟାଚ୍‌ର ମିଡିଆ। ଅଧିକାର ଫି ବି ରହିଛି।

ବିଶେଷଜ୍ଞଙ୍କ କହିବା କଥା ଯେ ଯଦି ବିସିସିଆଇ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଓ ଅନ୍ୟ ଘରୋଇ ଟୁର୍ଣ୍ଣାମେଣ୍ଟର ବ୍ୟାବସାୟିକରଣ କରିବ, ତାହେଲେ ବୋର୍ଡର ଅଣ ଆଇପିଏଲ ଆୟରେ ଆଶାତୀତ ଅଭିବୃଦ୍ଧି ହେବ।

# ନୂଆ ରେକର୍ଡର ନିକଟତର 'ସାର୍' ଜାଡେଜା

ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବ୍ୟାଟ୍ ସହିତ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଭାରତୀୟ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଜାଡେଜା ଲଗାତାର ୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏବେ ଜାଡେଜା ଟେଷ୍ଟ କ୍ରିକେଟରେ ଆଉ ଏକ ରେକର୍ଡ ସୃଷ୍ଟି କରିବାର ଅତି ନିକଟତର ଯଦି ଜାଡେଜା ଚଳିତ ସିରିଜରେ ଆଉ ୫୮ ରନ କରନ୍ତି, ତେବେ ସେ ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ୧୦୦୦ ଟେଷ୍ଟ ରନ ସ୍କୋର କରିବାରେ ଦ୍ୱିତୀୟ ବ୍ୟାଟର୍ ହେବେ।

ଏବେ ପର୍ଯ୍ୟନ୍ତ, କେବଳ ୱେଷ୍ଟଇଣ୍ଡିଜର ଗ୍ୟାରି ସୋବର୍ସ ଏହି ସଫଳତା ହାସଲ କରିପାରିଛନ୍ତି। ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ଟେଷ୍ଟ କ୍ରିକେଟରେ ୧୦୯୭ ରନ କରିଥିଲେ। ରବିନ୍ଦ୍ର ଜାଡେଜା ବର୍ତ୍ତମାନ ପର୍ଯ୍ୟନ୍ତ ତିନୋଟି ମ୍ୟାଚରେ ୧୦୯ ଆଭରେଜ୍‌ରେ ୩୨୭ ରନ କରିଛନ୍ତି। ସୌରଭ ଗାଙ୍ଗୁଲି ଏବଂ ରିଷଭ ପନ୍ତଙ୍କ ପରେ ସେ ଇଂଲଣ୍ଡରେ କ୍ରମାଗତ ଋରି ଇନିଂସରେ ୫୦ କିମ୍ବା ତା'ଠାରୁ ଅଧିକ ରନ ସ୍କୋର କରିବାରେ ତୃତୀୟ ଭାରତୀୟ ବ୍ୟାଟର୍

ବାମହାତୀ ବ୍ୟାଟର୍ ରବିନ୍ଦ୍ର ଜାଡେଜା ଏପର୍ଯ୍ୟନ୍ତ ୮୩ଟି ଟେଷ୍ଟ ମ୍ୟାଚରେ ୩୬.୯୭ ହାରରେ ୩୬୯୭ ରନ କରିଛନ୍ତି ।ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୪ଟି ଶତକ ଏବଂ ୨୬ଟି ଅର୍ଦ୍ଧଶତକ ଆସିଛି। ଜାଡେଜା ଟେଷ୍ଟ କ୍ରିକେଟରେ ତାଙ୍କର ବାମହାତୀ ସ୍ପିନ୍ ବୋଲିଂ ମଧ୍ୟ ଦେଖାଇଛନ୍ତି। ଜାଡେଜା ୨୪.୯୩ ହାରରେ ୩୨୬ ୱିକେଟ୍ ନେଇଛନ୍ତି।

ଲର୍ଡସ୍ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟିଂ ଶୈଳୀକୁ ପ୍ରଶଂସକ କେବେବି ଭୁଲିପାରିବ ନାହିଁ।ଜାଡେଜା ୧୮୧ ବଲରୁ ଅପରାଜିତ ୬୧ ରନ କରିଥିଲେ ଜାଡେଜା, ଜସପ୍ରିତ ବୁମରାହ ଏବଂ ମହମ୍ମଦ ସିରାଜଙ୍କ ସହିତ ମିଶି ଭାରତୀୟ ଦଳକୁ ମ୍ୟାଚ୍ ଜିତିବା ପାଇଁ ସର୍ବୋତ୍ତମ ଚେଷ୍ଟା କରିଥିଲେ ଜାଡେଜା ବୁମରାହଙ୍କ ସହିତ ମିଶି ନବମ ୱିକେଟ ପାଇଁ ୩୫ ରନ ଯୋଡିଥିଲେ ।ତା'ପରେ ଦଶମ ୱିକେଟ ପାଇଁ ସିରାଜଙ୍କ ସହିତ ତାଙ୍କର ୨୩ ରନର ଭାଗୀଦାରି ହୋଇଥିଲା। ଭାରତୀୟ ଦଳ ଲର୍ଡସ୍ ଟେଷ୍ଟ ମ୍ୟାଚ୍ ୨୨ ରନରେ ହାରିଥିଲା ।ଏହି କାରଣରୁ ସେମାନେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୨ରେ ପଛରେ ଅଛନ୍ତି। ସିରିଜର ପ୍ରଥମ ଟେଷ୍ଟ ଲିଡ୍ସର ହେଡିଙ୍ଗଲି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିଲା। ଯେଉଁଥିରେ ଭାରତୀୟ ଦଳକୁ ୫ ୱିକେଟରେ ପରାଜୟର ସାମ୍ନା କରିବାକୁ ପଡିଥିଲା ।ତା'ପରେ ବର୍ମିଂହାମର ଏଜବାଷ୍ଟନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଟିମ୍ ଇଣ୍ଡିଆ। ୩୩୬ ରନରେ ବିଜୟୀ ହୋଇଥିଲା । ସିରିଜର ଚତୁର୍ଥ ମ୍ୟାଚ୍ ୨୩ ଜୁଲାଇରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯିବାକୁ ଅଛି।

# ହାଇଦ୍ରାବାଦରେ ମହିଳା କବାଡି ବିଶ୍ୱକପ





ନୂଆଦିଲ୍ଲୀ,୨୦।୭: ମହିଳା କବାଡି ବିଶ୍ୱକପର ଦ୍ୱିତୀୟ ସଂସ୍କରଣ ହାଇଦ୍ରାବାଦରେ ଆୟୋଜନ ହେବ ଆସନ୍ତା ଅଗଷ୍ଟ ୩ରୁ ୧୦ ତାରିଖ ଯାଏ ଗାଚିବୋଲି ଇଣ୍ଡୋର ଷ୍ଟାଡିମୟରେ ମହିଳା କବାଡି ବିଶ୍ୱକପ ଖେଳାଯିବ। ବାସ୍ତବରେ କବାଡିର ଏହି ବଡ଼ ମହାକୁମ୍ଭ ବିହାରରେ ଜୁନ ମାସରୁ ଖେଳାଯିବାର ଥିଲା ।କିନ୍ତୁ ଏବେ ଭେନ୍ୟୁ ବଦଳିଛି। ବିହାର ବଦଳରେ ହାଇଦ୍ରାବାଦରେ ଆୟୋଜନ ହେବ ମହିଳା କବାଡି ବିଶ୍ୱକପ।

ତେଲଙ୍ଗାନା କବାଡି ଆସୋସିଏସନର ସଭାପତି କେ ବୀରେଶ କହିଛନ୍ତି, ବିହାର ଯେତେବେଳେ ଆୟୋଜନରୁ ଓହରି ଗଲା ଆମେ ସେତେବେଳେ ଭାରତୀୟ କବାଡି ମହାସଂଘକୁ ବିଶ୍ୱକପ ତେଲଙ୍ଗାନାରେ କରିବାକୁ ଅନୁରୋଧ କରିଥିଲୁ ସେମାନେ ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ ଆମେ ମହିଳା କବାଡିକୁ ଉତ୍ସାହିତ କରିବାକୁ ଋହୁଁଛୁ।

ଯଦିଓ ଏହାକୁ ଅଧିକ ପ୍ରାୟୋଜକ ମିଳୁ ନାହାନ୍ତି, ତଥାପି ଆମେ ବିଶ୍ୱକପ ଆୟୋଜନ କରିବୁ। ୨୦୦୫ରେ ହାଇଦ୍ରାବାଦ ଏସିଆନ କବାଡି ଋମ୍ପିୟନଶିପ ଆୟୋଜନ କରିଥିଲା। ଏବେ ୨୦ ବର୍ଷ ପରେ ହାଇଦ୍ରାବାଦ ପୁଣି ଅନ୍ତର୍ଜାତୀୟ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଭାରତ ବ୍ୟତୀତ ମହିଳା କବାଡି ବିଶ୍ୱକପରେ ଆର୍ଜେଣ୍ଟିନା, ବାଂଲାଦେଶ, ଋଇନିଜ ତାଇପେଇ, ଜର୍ମାନୀ, ହଲାଣ୍ଡ, ଇରାନ, ଜାପାନ, କେନିୟା, ନେପାଳ, ଥାଇଲ୍ୟାଣ୍ଡ, ଉଗାଣ୍ଡା ଓ ଜାଞ୍ଜିବର ଭାଗ ନେବେ ଏହି ଦେଶଗୁଡ଼ିକ ବିଶ୍ୱକପ ଖେଳିବେ ବୋଲି ସହମତି ପ୍ରକାଶ କରି ସାରିଛନ୍ତି। କେବଳ ପୋଲାଣ୍ଡ ବିଶ୍ୱକପରେ ଭାଗ ନେବ କି ନାହିଁ, ସେକଥା ନିଶ୍ଚିତ କରିନାହିଁ।

୨୦୧୨ରେ ମହିଳା କବାଡି ବିଶ୍ୱକପର ପ୍ରଥମ ସଂସ୍କରଣ ବିହାରର ପାଟନାରେ ଅନୁଷ୍ଠିତ ହୋଇଥିଲା ଏବେ ୧୩ ବର୍ଷରେ ପୁଣି ଭାରତରେ ମହିଳା କବାଡି ବିଶ୍ୱକପ ଆୟୋଜନ ହେବାକୁ ଯାଉଛି ୨୦୧୨ରେ ଭାରତ ଋମ୍ପିୟନ ହୋଇଥିଲା। ଇରାନ, ଜାପାନ ଓ ଥାଇଲ୍ୟାଣ୍ଡ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ